# ଅକ୍ଷୟ କୁମାରଙ୍କ ଚଳଚ୍ଚିତ୍ରର ନାମ ବଦଳିଲା

## 'ଇଣ୍ଡିଆ' ବଦଳରେ 'ଭାରତ'




ଭୁବନେଶ୍ୱର,୮ା୯(ଶର୍ମିଷ୍ଠା ପାଣିଗ୍ରାହୀ)

ବର୍ତ୍ତମାନ 'ଇଣ୍ଡିଆ' ଓ 'ଭାରତ' ନାମକରଣ ପ୍ରସଙ୍ଗକୁ ନେଇ ଦେଶର ରାଜନୀତି ସରଗରମ ଥିବାବେଳେ ଏହାର ପ୍ରଭାବ ବଲିଉଡ୍ ଉପରେ ପଡିଛି। ବିଶିଷ୍ଟ ଅଭିନେତା ଅକ୍ଷୟ କୁମାର ଦେଶର ନାଁ କେବଳ 'ଭାରତ' ରଖିବାକୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକୁ ପରୋକ୍ଷରେ ସମର୍ଥନ ଜଣାଇଛନ୍ତି। ଏଥିପାଇଁ ନିଜ ଅଭିନୀତ ଚଳଚ୍ଚିତ୍ର ନାଁକୁ ବଦଳାଇ ଚର୍ଚ୍ଚାକୁ ଆସିଛନ୍ତି। 'ମିଶନ୍ ରାନିଗଞ୍ଜ: ଦ ଗ୍ରେଟ୍ ଇଣ୍ଡିଆନ୍ ରେସ୍‌କ୍ୟୁ'କୁ ବଦଳାଇ ନାଁ ଦେଇଛନ୍ତି 'ମିଶନ୍ ରାନିଗଞ୍ଜ: ଦ ଗ୍ରେଟ୍ ଭାରତ ରେସ୍‌କ୍ୟୁ'। ଚଳଚ୍ଚିତ୍ରଟି ଅକ୍ଟୋବର ୬ରେ ମୁକ୍ତିଲାଭ କରିବ। ଅକ୍ଷୟ କୁମାର ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମର ପୋଷ୍ଟର ଶେୟାର କରି ଲେଖିଛନ୍ତି, ହିରୋ କେବେ ମେଡାଲ ପାଇଁ ଅପେକ୍ଷା କରେନି। ଜଣେ ହିରୋ ୧୯୮୯ ମସିହାରେ ଅସମ୍ଭବ ଶବ୍ଦକୁ ହାସଲ କରିଥିଲେ। ଭାରତର ହିରୋମାନଙ୍କୁ ଜାଣିବା ପାଇଁ ସମସ୍ତେ ଏହି ଫିଲ୍ମଟିକୁ ପ୍ରେକ୍ଷାଳୟରେ ଦେଖନ୍ତୁ ବୋଲି ସେ ପୋଷ୍ଟରେ ଲେଖିଛନ୍ତି। ଏହି ଚଳଚ୍ଚିତ୍ରରେ ଅକ୍ଷୟ କୁମାରଙ୍କୁ ସ୍ୱର୍ଗତ ଯଶୱନ୍ତ ସିଂ ଗିଲ୍‌ଙ୍କ ଚରିତ୍ରରେ ଦେଖିବାକୁ ମିଳିବ। ୧୯୮୯ରେ ରାଣୀଗଞ୍ଜର କୋଇଲା ଅଞ୍ଚଳରେ ଫସି ରହିଥିବା ଖଣି କର୍ମଚାରୀଙ୍କୁ ଯଶୱନ୍ତ ଉଦ୍ଧାର କରିଥିଲେ। ସେହି ସତ ଘଟଣାକୁ ନେଇ କାହାଣୀଟି ପ୍ରସ୍ତୁତ ହୋଇଛି। ଚଳଚ୍ଚିତ୍ରରେ ଟିନୁ ସୁରେଶ ଦେଶାଇ ନିର୍ଦ୍ଦେଶନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ପରିଣୀତି ଚୋପ୍ରା, ପୱନ ମାଲହୋତ୍ରା, କୁମୁଦ ମିଶ୍ରା, ରବି କିଶାନ, ଶିଶିର ଶର୍ମା ପ୍ରମୁଖ ରହିଛନ୍ତି। ତେବେ ସାମ୍ପ୍ରତିକ ସ୍ଥିତିରେ ଚଳଚ୍ଚିତ୍ରର ନାମ ପରିବର୍ତ୍ତନକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

### କ'ଣ କହୁଛନ୍ତି ଏମାନେ...

**ବ୍ୟକ୍ତିଗତ ସ୍ୱାର୍ଥକୁ ସୁହାଇଲା ଭଳି ଲାଗୁଛି**



ନାମ ପରିବର୍ତ୍ତନରୁ ଜଣାପଡୁଛି ଯେ, ଅକ୍ଷୟ କୁମାର ଏକ ପ୍ରକାର 'ଭାରତ' ନାମକରଣକୁ ସମର୍ଥନ କରୁଛନ୍ତି। କେତେଜଣ କଳାକାର ଅଛନ୍ତି, ଯେଉଁମାନେ ବିଧିବଦ୍ଧ ଭାବେ ସରକାରଙ୍କ ପକ୍ଷରୁ ଆସୁଥିବା ସମସ୍ତ ନିଷ୍ପତ୍ତିକୁ ଅଗ୍ରାଧିକାର ଦେଉଛନ୍ତି, ଯାହାକି ଗ୍ରହଣୀୟ ନୁହେଁ। ସମ୍ମାନ କିମ୍ବା ପଦବୀ ଲୋଭରେ କେତେଜଣ କଳାକାର ଏଭଳି କରନ୍ତି। ଏହା ଏକ ବ୍ୟକ୍ତିଗତ ସ୍ୱାର୍ଥକୁ ସୁହାଇଲା ଭଳି ହେଉଛି।

**-ଦିଲୀପ ହାଲି, ସିନେ ସମୀକ୍ଷକ**

**ସ୍ୱାଗତଯୋଗ୍ୟ ପଦକ୍ଷେପ**



ଆମ ଦେଶର ନାମ ପ୍ରଥମେ 'ଭାରତ' ହିଁ ଥିଲା। ଇଂରେଜମାନଙ୍କ ପରେ ଇଣ୍ଡିଆ ହେଲା। ଦେଶ ସ୍ୱାଧୀନ ହେବାର ଏତେବର୍ଷ ପରେ ବି ଆମେ ସେହି ଇଣ୍ଡିଆ ନାମରେ ଚାଲିଛୁ। କିନ୍ତୁ ପୁରୁଣା ନାମ କରିଦେବା କଥା। ଆମେ ଭାରତ ମାତା ବୋଲି ହିଁ କହିଥାଉ। 'ଭାରତ' ଶବ୍ଦରେ ଏକ ଆଧ୍ୟାତ୍ମିକ ଭାବନା ରହିଛି। ଯଦି ଅକ୍ଷୟ କୁମାର ତାଙ୍କ ଫିଲ୍ମ ନାମ ମାଧ୍ୟମରେ ଏଭଳି ଏକ ଷ୍ଟେପ୍ ନେଇଛନ୍ତି, ତେବେ ମୁଁ କହିବି ନିହାତି ଭାବେ ଏହା ସ୍ୱାଗତଯୋଗ୍ୟ।

**-ଶ୍ରୀତମ ଦାସ, ଅଭିନେତା**

**ଏ ପ୍ରସଙ୍ଗ ଅଧିକ ନ ବଢ଼ାଇବା ଆବଶ୍ୟକ**



ବଡ଼ ବଡ଼ କଳାକାରଙ୍କୁ ଅନେକ ସାଧାରଣ ଲୋକ ପସନ୍ଦ କରନ୍ତି। ସେମାନଙ୍କୁ ଅନୁସରଣ କରନ୍ତି। ସେମାନଙ୍କର ନିଷ୍ପତ୍ତିକୁ ମାନନ୍ତି। ସମ୍ମାନ ଦିଅନ୍ତି। ଦେଶରେ ଏତେସବୁ ବିଷୟବସ୍ତୁ ଥିବା ବେଳେ ଇଣ୍ଡିଆ ଆଉ ଭାରତକୁ ନେଇ ଚାଲିଥିବା ଏ ରାଜନୀତି ଦେଶ ମଧ୍ୟରେ ଏକ ପ୍ରକାର ବିଭାଜନ ସୃଷ୍ଟି କରୁଛି। ଅକ୍ଷୟ କୁମାରଙ୍କ ପରି ବଡ଼ ସେଲିବ୍ରିଟି ଯଦି ଏହାଦ୍ୱାରା ପ୍ରଭାବିତ ହୋଇ ତାଙ୍କ ଫିଲ୍ମ ନାମ ପରିବର୍ତ୍ତନ କରୁଛନ୍ତି ତାହା ଦ୍ୱାରା ତାଙ୍କୁ ଅନୁସରଣ କରୁଥିବା ଲୋକ ମଧ୍ୟ ତାଙ୍କ ପରି ଚିନ୍ତା କରିବେ। ଏ ପ୍ରସଙ୍ଗରେ ଅଧିକ ନ ବଢାଇବା ଆବଶ୍ୟକ।

**-ବିରଞ୍ଚି ପାଣି, ସିନେପ୍ରେମୀ**

**ଫିଲ୍ମ ନାମ ବଦଳାଇବା ଠିକ୍ ହୋଇନି**



ଇଣ୍ଡିଆକୁ ଭାରତ କରିବାର ପ୍ରଭିଜନ୍ ସେମିତି କିଛି ନାହିଁ। ଯଦି ବା କରୁଛନ୍ତି ତାହା ଏକ ମୂର୍ଖାମି। ସିନେମା ହେଉଛି ଏକ ଷ୍ଟ୍ରଙ୍ଗ ମିଡିୟମ୍, ଯାହା ମାଧ୍ୟମରେ ଅନେକ ଲୋକ ପ୍ରଭାବିତ ହୁଅନ୍ତି। ଅକ୍ଷୟ କୁମାର ଜଣେ ନ୍ୟାଶନାଲ ଆଇକନ୍। ଏ ଯାଏ ଆମ ଦେଶ ନାଁ ଇଣ୍ଡିଆରୁ ଭାରତ ହୋଇନି। ତା' ଆଗରୁ ଯଦି ଅକ୍ଷୟ କୁମାର ତାଙ୍କ ଫିଲ୍ମ ନାମ ପରିବର୍ତ୍ତନ କରିବେ, ତାହା ଏକ ଦୁଃଖର କଥା। ସେମାନେ ଏହି ସବୁରୁ ଦୂରେଇ ରହିବା କଥା। କାରଣ ଲକ୍ଷଲକ୍ଷ ଲୋକ ସେମାନଙ୍କୁ ଦେଖୁଛନ୍ତି ଓ ଅନୁସରଣ କରୁଛନ୍ତି।

**-ସଞ୍ଜୟ କୁମାର ବିଷୋୟୀ, ଯୁବ ସିନେ ଗବେଷକ**

**ପ୍ରମୋଶନ ପାଇଁ ଏପରି କରିଥାଇପାରନ୍ତି**



ଦେଶର ନାଁ କେବଳ 'ଭାରତ' ରହିଲେ ବହୁତ ଭଲ ରହିବ। କିନ୍ତୁ ଏଥିପାଇଁ ଜନସାଧାରଣ ବହୁତ କିଛି ଅସୁବିଧାର ସମ୍ମୁଖୀନ ହେବେ। ଅକ୍ଷୟ କୁମାର ତାଙ୍କ ଫିଲ୍ମର ପ୍ରମୋଶନ୍ ପାଇଁ ଏମିତି କରିଥିବେ। ସବୁ ପ୍ରଡକ୍ସନ ହାଉସ୍ ଚାହାନ୍ତି ଏମିତି କିଛି କରି ସେମାନଙ୍କ ଫିଲ୍ମ ପ୍ରତି ଦର୍ଶକଙ୍କୁ ଆକର୍ଷିତ କରିବା। ମୁଁ ତାଙ୍କ ସ୍ଥାନରେ ଥିଲେ ସେୟା ହିଁ କରିଥାନ୍ତି।

**-ଅତିସ୍ ରାଉତ, ପ୍ରଯୋଜକ**

### ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମାଗଣା ସ୍ୱାସ୍ଥ୍ୟ ଶିବିର, ଗଡିକୃଷ୍ଣ ଗ୍ରୀନ୍ ଆପାର୍ଟମେଣ୍ଟ, ରଙ୍ଗବଜାର, ପୂର୍ବାହ୍ନ ୧୦ଟା।
- ବିଶ୍ୱ ଫାଷ୍ଟ ଏଡ୍ ଦିବସ, ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ, ଲକ୍ଷ୍ମୀସାଗର କେନାଲ ରୋଡ, ପୂର୍ବାହ୍ନ ୧୧ଟା।
- ରୋଟାରୀ କ୍ଲବ ପକ୍ଷରୁ ରଙ୍ଗତୂଳୀ କାର୍ଯ୍ୟକ୍ରମ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୧ଟା ୩୦।
- ପୁଷ୍କରା ସିନେମାର ଅଡିଓ ରିଲିଜ, ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପ, ସନ୍ଧ୍ୟା ୬ଟା।
- ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ ଉଦ୍‌ଯାପନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା, ବାଲିଅନ୍ତା ହାଟ ପଡ଼ିଆ, ପୂର୍ବାହ୍ନ ୧୦ଟା।

**କଟକ**

- ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏଶନ ପକ୍ଷରୁ ଦି ନିଉ ଚାଇଲ୍ଡହୁଡ୍ ଶୀର୍ଷକ ଦୁଇଦିନିଆ ସମ୍ମିଳନୀର ଉଦ୍‌ଘାଟନ, ସାରଳା ଭବନ, ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘ ଭକ୍ତିପସରା ପକ୍ଷରୁ ରୌପ୍ୟଜୟନ୍ତୀ ସତସଙ୍ଗ ମହୋତ୍ସବ, ବଳଦେବଜୀଉ ମନ୍ଦିର, ରାଣୀହାଟ, ମଧ୍ୟାହ୍ନ ୧୨ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ସୁବୋଧକୃଷ୍ଣ ମିଶନର ଭାଗବତ ପାରାୟଣ, ରାଷ୍ଟ୍ରଭାଷା ପ୍ରସାର ସମିତି, କଳାବିକାଶ କେନ୍ଦ୍ର ରୋଡ, ସନ୍ଧ୍ୟା ୬ଟା ୩୦।

**ତିଗିରିଆ ବ୍ଲକ**

- ନୂଆପାଟଣା ନଂ. ୧ ତନ୍ତୁବାୟ ସହଯୋଗ ସମିତି ଲିଃର ହୀରକ ଜୟନ୍ତୀ, ନୂଆପାଟଣା ସମିତି ପରିସର, ପୂର୍ବାହ୍ନ ୧୦ଟା ୩୦।






ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ'ର ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି। ନୃତ୍ୟାଙ୍ଗନା ଅମ୍ରିତା ଲାହିରୀ କୁଚିପୁଡ଼ି ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ମୌସମ ନନ୍ଦ)

## ମୁଗ୍ଧକଲା ଅମ୍ରିତାଙ୍କ କୁଚିପୁଡି ନୃତ୍ୟ, ଆକ୍ରମଙ୍କ ତବଲା ବାଦନ

**ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଚତୁର୍ଥ ସନ୍ଧ୍ୟା**

ଭୁବନେଶ୍ୱର,୮ା୯ (ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ ଅନୁଷ୍ଠାନ ଏବଂ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସଚ୍ଚିଦାନନ୍ଦ ଦାସ ଓ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ପ୍ରଖ୍ୟାତ କୁଚିପୁଡ଼ି ନୃତ୍ୟାଙ୍ଗନା ଅମ୍ରିତା ଲାହିରୀଙ୍କ କୁଚିପୁଡ଼ି ନୃତ୍ୟରୁ ଆରମ୍ଭ ହୋଇଥିଲା ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ। ଜୟକିଶୋର ମୋସାଲକାନ୍ତିଙ୍କ ନୃତ୍ୟ ସଂରଚନା 'ଆନନ୍ଦ ନର୍ତ୍ତନ ଗଣପତିମ୍'ରେ ପ୍ରଭୁ ଗଣେଶଙ୍କ ଆନନ୍ଦମୟ ନୃତ୍ୟକୁ ତାଙ୍କ ପ୍ରଶଂସନୀୟ ମଞ୍ଚ ଉପସ୍ଥିତି ଓ ଚଞ୍ଚଳ ଚଳଣି ମାଧ୍ୟମରେ ବର୍ଣ୍ଣନା କରିଥିଲେ। ପରେ ସେ ଏକ କୁଚିପୁଡ଼ି ନୃତ୍ୟନାଟିକାରୁ 'ଉଷା ପରିଣୟମ' ପରିବେଷଣ କରିଥିଲେ। ଶେଷରେ ଜୟକିଶୋର ମୋସାଲକାନ୍ତିଙ୍କ ନୃତ୍ୟ ସଂରଚନାରେ ଶିବ ତରଙ୍ଗ ପରିବେଷିତ ହୋଇଥିଲା। ତରଙ୍ଗର ଶେଷରେ ନୃତ୍ୟଶିଳ୍ପୀ ଏକ ଥାଳିରେ ନୃତ୍ୟ କରିଥିଲେ, ଯାହା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ତାଙ୍କୁ କଣ୍ଠରେ ସୁଜେଶ ମେନନ, ମୃଦଙ୍ଗରେ ସତୀଶ କ୍ରିଷ୍ଣମୂର୍ତ୍ତି, ବେହେଲାରେ ମଙ୍ଗଳା ବୈଦନାଥନ ଓ ନଟୁଭଙ୍ଗମ୍‌ରେ ବିଜୟ କୁମାର ଏସ୍ ସହଯୋଗ କରିଥିଲେ। ଏହାପରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ତବଲା ବାଦକ ଆକ୍ରମ ଖାନ୍‌ଙ୍କ ଦ୍ୱାରା ତବଲା ବାଦନ ନିଆରା ଅନୁଭବ ଦେଇଥିଲା। ତାଙ୍କୁ ହାରମୋନିୟମ୍‌ରେ ନୀଳୟ ସାଲ୍‌ଭୀ ସହଯୋଗ କରିଥିଲେ। ଆକ୍ରମଙ୍କ ଆନନ୍ଦ ଦାୟକ ତବଲା ବାଦନ ପ୍ରେକ୍ଷାଳୟକୁ ପ୍ରକମ୍ପିତ କରିଥିଲା। ସୃଜନର ଫେସ୍‌ବୁକ ପେଜ୍ ଓ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ପୁରସ୍କାର ଉତ୍ସବର ସିଧା ପ୍ରସାରଣ କରାଯାଉଛି। ଉତ୍ସବର ପରିକଳ୍ପନା ସୃଜନ ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବାବେଳେ ଦେବୀପ୍ରସାଦ ମିଶ୍ର ଏହାକୁ କାର୍ଯ୍ୟକାରୀ ଓ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର୍ ରହିଛି।

## ମଦ୍ୟପ ଗାଡ଼ି ଚାଳକଙ୍କୁ ୨୦ ହଜାର ଜରିମାନା

ପୁରୀ, ୮ା୯(ଅଜିତ ମହାନ୍ତି)

ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ରବିନ୍‌ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ବିଳମ୍ବିତ ରାତିରେ ବଡ଼ଦାଣ୍ଡରେ ଯାନବାହନ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଜଣୈକ ଯୁବକ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ଦେଖି ଅଧିକାରୀମାନେ ତାଙ୍କୁ ଅଟକାଇଥିଲେ ମଧ୍ୟ ସେ ଦ୍ରୁତଗତିରେ ଗାଡ଼ି ଚଳାଇ ଫେରାର ହୋଇଯାଇଥିଲେ। ତେବେ ଅଧିକାରୀମାନେ ତାଙ୍କ ପିଛାକରି ମାର୍କେଟ ଛକ ନିକଟରେ ତାଙ୍କୁ କାବୁ କରିଥିଲେ। ବ୍ରେଥ୍ ଆନାଲାଇଜର ପରୀକ୍ଷାରେ ସଂପୃକ୍ତ ଯୁବକ ଅତ୍ୟଧିକ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଜଣାପଡ଼ିଥିଲା। ଆର୍‌ଟିଓ ସଂପୃକ୍ତ ଯୁବକଙ୍କୁ ୨୦ହଜାର ଟଙ୍କା ଜରିମାନା କରିବା ସହ ତାଙ୍କ ଗାଡିକୁ ଟ୍ରାଫିକ ଥାନା ଜିମା ଦେଇଥିଲେ। ଏହି ଚଢ଼ାଉରେ ଏମ୍‌ଭିଆଇ ରାଜେଶ ମହାପାତ୍ର, ସହକାରୀ ଏମ୍‌ଭିଆଇ ଅମିତ୍ ରଣା ଓ ଟିଆଇ ସୁଶାନ୍ତ ପାତ୍ର ସାମିଲ ଥିଲେ।

## ସାପ କାମୁଡାରେ ମହିଳା ମୃତ

ଚୌଦ୍ୱାର,୮ା୯(ଆଶୁତୋଷ ଦାସ)

ସାପ କାମୁଡାରେ ଚୌଦ୍ୱାର ପୌରପାଳିକା ୫ନଂ. ୱାର୍ଡ ଅନ୍ତର୍ଗତ ବ୍ରାହ୍ମଣସାହି (ଖ)ର ପ୍ରତିମା ସାହୁ(୪୫)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତି ୭ଟାରେ ସେ ନିଜ ଘର ପଛପଟ ବାଡିକୁ କୌଣସି କାମରେ ଯାଇଥିବାବେଳେ ତାଙ୍କୁ ସାପ କାମୁଡି ଦେଇଥିଲା। କଟକ ବଡ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଲୋକ



@ ସଞ୍ଜୟ



@ ପଦ୍ମିନୀ



@ ପ୍ରଭଞ୍ଜନ



@ ରାକେଶ



@ ନୃସିଂହ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



## ଆଇଜଲରୁ ନନ୍ଦନକାନନ ଆସିଲେ ୫ ନୂଆଜନ୍ତୁ

ବାରଙ୍ଗ,୮ା୯(ଲିଙ୍ଗରାଜ ରାଉତ)



ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ଶୁକ୍ରବାର ରାତିରେ ମିଜୋରାମର ଆଇଜଲ ଚିଡିଆଖାନାରୁ ୫ ନୂଆଜନ୍ତୁ ଆସିଛନ୍ତି। ଏଥିମଧ୍ୟରେ କୁକଟି ନାମକ ୪ବର୍ଷର ଅଣ୍ଡିରା ହୁଲକ ଗିବନ ଓ ୧୩ ବର୍ଷର ସାଲବିନ ନାମ୍ନୀ ମାଈ ହୁଲକ ଗିବନ, ୭ବର୍ଷ ବୟସର ହଲେ ଘୁଷୁରିଲାଞ୍ଜି ମାକେକ୍, ୧୧ବର୍ଷର ଦିୱାଲୀ ନାମ୍ନୀ ମାଈ ହିମାଳୟ କଳାଭାଲୁ ରହିଛି। ପ୍ରତିବଦଳରେ ନନ୍ଦନକାନନ କର୍ତ୍ତୃପକ୍ଷ ପୂର୍ବରୁ ଅର୍ଥାତ ଗତ ମାର୍ଚ୍ଚ ୨୭ରେ ଗୋଟିଏ ୫ବର୍ଷର ଅଣ୍ଡିରା ସାଧାରଣ ବାଘ କୁନ୍ଦନ, ୫ବର୍ଷର ମାଈ ସାଧାରଣ ବାଘୁଣୀ ଆଦ୍ୟାଶାକୁ ଆଇଜଲ ଚିଡିଆଖାନାକୁ ପଠାଇଥିଲେ। ନୂତନ ଜୀବଜନ୍ତୁ ଆଣିବାକୁ ନନ୍ଦନକାନନର ୬ଜଣିଆ ଟିମ ୨୮ ତାରିଖରେ ମିଜୋରାମ ଯାଇଥିଲା। ନନ୍ଦନକାନନରେ ୩ଟି ହୁଲକ ଗିବନ ଓ ୩ଟି ହିମାଳୟ କଳାଭାଲୁ ଥିବାବେଳେ ଘୁଷୁରି ଲାଞ୍ଜି ମାକେକ ନନ୍ଦନକାନନ ପାଇଁ ନୂଆ ପ୍ରଜାତିର ହୋଇଥିବାରୁ ଏହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। କେନ୍ଦ୍ରୀୟ ଚିଡ଼ିଆଖାନାର ନିୟମାନୁସାରେ ନୂଆ ଜୀବଜନ୍ତୁଙ୍କୁ ଏକମାସ ପାଇଁ କ୍ୱାରାଣ୍ଟାଇନରେ ଡାକ୍ତରଙ୍କ ନଜରବନ୍ଦୀରେ ରଖାଯିବ। ବଂଶବୃଦ୍ଧି ଲକ୍ଷ୍ୟରେ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇଛି। ଏବେ ନନ୍ଦନକାନନର ପ୍ରଜାତି ସଂଖ୍ୟା ୧୬୩ରେ ପହଞ୍ଚିଛି ବୋଲି ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି।



## ସଂକ୍ଷେପରେ

### ସ୍ୱଚ୍ଛ ବାୟୁ ଉପରେ ପୋଷ୍ଟର, ଭିଡିଓଗ୍ରାଫି ପ୍ରତିଯୋଗିତା

ଭୁବନେଶ୍ୱର, ୮।୯ (ବନ୍ଦନା ସେଠୀ)– 'ଇଣ୍ଟରନ୍ୟାଶନାଲ୍ ଡେ' ଅଫ୍ କ୍ଲିନ୍ ଏୟାର ଫର୍ ବ୍ଲୁ ସ୍କାଇ' ଅବସରରେ ସ୍ୱିଚ୍ ଅନ୍ ଫାଉଣ୍ଡେଶନ୍ ପକ୍ଷରୁ ସ୍ୱଚ୍ଛ ବାୟୁ ବିଷୟବସ୍ତୁ ଉପରେ ଏକ ପୋଷ୍ଟର ଏବଂ ଭିଡିଓଗ୍ରାଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର, କଟକ ଓ ପୁରୀର ୭ଟି ସ୍କୁଲରୁ ୩୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଉପରେ ବାୟୁ ପ୍ରଦୂଷଣର ପ୍ରଭାବ, ଗ୍ଲୋବାଲ ୱାର୍ମିଂ, ଗଛର ମହତ୍ତ୍ୱ ଆଦି ପ୍ରସଙ୍ଗକୁ ଛାତ୍ରୀଛାତ୍ର ଚିତ୍ରରେ ପ୍ରଦର୍ଶନ କରିଥିଲେ, ଯାହା କି ଦର୍ଶକଙ୍କ ପାଇଁ ପ୍ରଭାବଶାଳୀ ଥିଲା। ଏହାପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଫାଉଣ୍ଡେଶନର ଏମ୍‌ଡି ବିନୟ ଜାଜୁ କହିଲେ, ବାୟୁ ପ୍ରଦୂଷଣ ମଣିଷର ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ବଡ ବିପଦ। ପିଲାମାନଙ୍କୁ ଅଳ୍ପ ବୟସରେ ନିର୍ମଳ ବାୟୁ ପାଇଁ ଲଢ଼ିବାକୁ ଉତ୍ସାହିତ କରାଯାଉଛି ବୋଲି ସେ କହିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ସମ୍ମାନାର୍ଥେ ହେବ ବଡ଼ ସମାବେଶ

**କୃତଜ୍ଞତା ଜଣାଇଲା ନିଖିଳ ଓଡ଼ିଶା ପାଇକ ସଂଘ**

ଭୁବନେଶ୍ୱର,୮।୯(ଶର୍ମିଷ୍ଠା ପାଣିଗ୍ରାହୀ) ଓଡ଼ିଶା ପାଇକ ଏକାଡ଼େମୀ ଗଠନ କରିବା ଓ ପାଇକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ନିଖିଳ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ପ୍ରକାଶ କରିଛନ୍ତି। ପାଇକ ମହାସଂଘ ପକ୍ଷରୁ ବାରମ୍ବାର ପାଇକ ଏକାଡ଼େମୀ ଗଠନ ପାଇଁ ଦାବି ହୋଇଆସୁଥିଲା। ବୀର ପାଇକଙ୍କ ପାଇଁ ଏକ ବିଜୟ ବାର୍ତ୍ତା। କଳିଙ୍ଗର ଦ୍ୱିତୀୟ ଖାରବେଳ ଏ ଜାତିର ଗର୍ବ ଓ ଗୌରବ ସ୍ୱର୍ଗତ ବିଜୁ ପଟ୍ଟନାୟକ ଯେଉଁ ପାଇକ ଏକାଡ଼େମୀର ସ୍ୱପ୍ନ ଦେଖିଥିଲେ ତାହା ଆଜି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସାକାର ହୋଇଛି। ଏ ପାଇକ ଜାତିର ସେ ଚୀରସ୍ମରଣୀୟ। ନିକଟରେ ରାଜ୍ୟପାଳଙ୍କୁ ଭେଟି ପାଇକ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଇକ ଏକାଡ଼େମୀ ଗଠନ ପାଇଁ ଏକ ସ୍ମାରକୀ ପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେଇ ଏହାକୁ ସାକାର କରିଥିବାରୁ ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ସମ୍ମାନର୍ଥେ ଏକ ବିଶାଳ ପାଇକ ସମାବେଶ ଭୁବନେଶ୍ୱରରେ ଆୟୋଜନ କରାଯିବ ବୋଲି ରାଜ୍ୟ ସଂଯୋଜକ କେଦାର ଦାସ ପ୍ରକାଶ କରିଛନ୍ତି। ରାଜ୍ୟ ସାଧାରଣ ସଂପାଦକ ଡ଼. ଗାୟନ ସାମଲ, ପାଇକ ମହାସଂଘ ମୁଖପାତ୍ର ରାଜୀବ ନୟନ ରଥ, ଖୋର୍ଦ୍ଧା ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, କଟକ ଜିଲା ସଭାପତି ରାଜ କିଶୋର ବେହେରା, ଜଗତ୍‌ସିଂହପୁର ସଭାପତି ବିଦ୍ୟାଧର ନାଏକ, ଢେଙ୍କାନାଳ ସଭାପତି ନବ ସାମଲ ବରିଷ୍ଠ ପାଇକ ଗୁରୁ ଭାସ୍କର ସୁନ୍ଦରାୟ, ନୟାଗଡ଼ ଭରତ ଜେନା, ଭୁବନେଶ୍ୱର ସଭାପତି ଅଜୟ କୁମାର ନାଏକ, ପ୍ରତାପ କୁମାର ଜେନା, ରାଜ୍ୟ ଉପଦେଷ୍ଟା ବିଭୂତି ଭୂଷଣ ସ୍ୱାଇଁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ୨ ବିଦ୍ୟାଳୟରେ ପାଳିକରି ହିନ୍ଦୀ ପଢ଼ାଉଛନ୍ତି ଜଣେ ଶିକ୍ଷକ

**ରାଜଧାନୀରେ ଶିକ୍ଷକ ସଙ୍କଟ, ପାଠପଢ଼ା ଗୁରୁତର ବାଧାପ୍ରାପ୍ତ**

ଭୁବନେଶ୍ୱର,୮।୯ (ଅନୁରାଧା ମହାରଣା)

ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଉଛି। ବିଦ୍ୟାଳୟ ରୂପାନ୍ତରୀକରଣରେ ଆଖିବୁଜା ଅର୍ଥ ଖର୍ଚ୍ଚ ହେଉଛି। ହେଲେ ଖୋଦ୍ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ପଡୁଥିବାରୁ ପାଠପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି। ଭୁବନେଶ୍ୱର ୟୁନିଟ–୯ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବାବେଳେ ଜଣେ ମାତ୍ର ହିନ୍ଦୀ ଶିକ୍ଷକ ଉଭୟ ବିଦ୍ୟାଳୟରେ ପାଳିକରି ପଢ଼ାଉଛନ୍ତି। ସପ୍ତାହର ୩ଦିନ ଗୋଟିଏ ବିଦ୍ୟାଳୟରେ ଏବଂ ଅନ୍ୟ ୩ଦିନ ଆଉ ଗୋଟିଏ ବିଦ୍ୟାଳୟରେ ହିନ୍ଦୀ ପଢ଼ାଉଥିବା ଜଣାପଡିଛି। ଚଳିତବର୍ଷ ୟୁନିଟ–୯ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭୫୦ରୁ ଅଧିକ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ବାଳିକା ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪୦୦ ଛାତ୍ରୀ ଅଛନ୍ତି। ବାଳିକା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକଙ୍କ ସମେତ ୧୭ଜଣ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ବାଳକ ବିଦ୍ୟାଳୟରେ ୨୦୨୦ରେ ୨୯ଜଣ ଶିକ୍ଷକଶିକ୍ଷୟିତ୍ରୀ ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୧୭କୁ ଖସିଆସିଛି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଆହୁରି ୧୮ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଅନ୍ୟାନ୍ୟ ବିଷୟରେ ଜଣେ ଦୁଇଜଣ ଶିକ୍ଷକ ରହିଥିବାବେଳେ କ୍ରୀଡା ଓ ହିନ୍ଦୀ ଶିକ୍ଷକ ପଦ ଖାଲିପଡିଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ବାରମ୍ବାର ଚିଠି ଲେଖାଯିବା ପରେ ଅସ୍ଥାୟୀ ଭାବେ ବାଳିକା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକଙ୍କୁ ଉଭୟ ବିଦ୍ୟାଳୟରେ ହିନ୍ଦୀ ପାଠପଢ଼ା ଦାୟିତ୍ୱ ଦିଆଯାଇଛି। ଦୀର୍ଘଦିନ ଧରି ଏହି ପଦବୀ ଖାଲିପଡ଼ିବା ପରେ ଏକ ମାସ ହେବ ଏହି ହିନ୍ଦୀ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଅକ୍ଟୋବର ପ୍ରଥମ ସପ୍ତାହରୁ ଦଶମ ପିଲାଙ୍କ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହେବାକୁଥିବାବେଳେ ପାଠ୍ୟକ୍ରମ ସାରିବାକୁ ମାସେରୁ କମ୍ ସମୟ ରହିଛି। ଉଭୟ ବିଦ୍ୟାଳୟର ୧୫ଟି ଶ୍ରେଣୀରେ ଜଣେ ହିନ୍ଦୀ ଶିକ୍ଷକ ପାଠ ପଢ଼ାଇବା ଦ୍ୱାରା ପିଲାମାନେ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଥିବା ୟୁନିଟ୍–୯ ବାଳିକା ଉଚ୍ଚ ବିଦ୍ୟାଳୟର କେତେଜଣ ଛାତ୍ରୀ କହିଛନ୍ତି। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ହିନ୍ଦୀ ଶିକ୍ଷକଙ୍କ ବିନା ପିଲାମାନେ ପାଠପଢୁଥିବାବେଳେ ଏବେ ପାଳିରେ ଜଣେ ଶିକ୍ଷକ ପାଠପଢ଼ାଇବାକୁ ଆସୁଥିଲେ ମଧ୍ୟ ସମସ୍ୟାରେ ବିଶେଷ ପରିବର୍ତ୍ତନ ଆସି ନ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟନାରାୟଣ ଦାଶଙ୍କ କହିବାନୁସାରେ, ହିନ୍ଦୀ ଶିକ୍ଷକ ନିଯୁକ୍ତି ନେଇ ବାରମ୍ବାର ପତ୍ର ଲେଖାଯାଉଥିବାବେଳେ ଶିକ୍ଷକ ପଦବୀ ପୂରଣର ସ୍ଥାୟୀ ସମାଧାନ କରାଯାଉନାହିଁ। ବିଦ୍ୟାଳୟରୁ ପୂର୍ବରୁ କେତେଜଣ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ପଠାଯାଇଛି। ସେମାନଙ୍କୁ ତୁରନ୍ତ ଫେରାଇଆଣିବା କିମ୍ବା ନୂଆ ଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ପକ୍ଷରୁ ବାରମ୍ବାର ପତ୍ର ଲେଖାଯାଉଥିଲେ ମଧ୍ୟ ସୁଫଳ ମିଳିନାହିଁ। ସପ୍ତାହର ୩ଦିନରେ ଏତେ ସଂଖ୍ୟକ ପିଲାଙ୍କୁ ପାଳିରେ ଆସୁଥିବା ହିନ୍ଦୀ ଶିକ୍ଷକ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ସହଜ ନୁହେଁ। ପୁଣି ହିନ୍ଦୀ ପରୀକ୍ଷା ଖାତାଦେଖା ମଧ୍ୟ ତାଙ୍କ ପାଇଁ କଷ୍ଟକର ହୋଇପଡିବ।



**ଆସୁଛି ଗଣେଶ ପୂଜା:** ୟୁନିଟ୍–୯ ବଜାରରେ ଜଣେ ଶିଳ୍ପୀ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିକୁ ରଙ୍ଗ କରୁଛନ୍ତି।

# ସେପ୍ଟେମ୍ବର ଶେଷ ସୁଦ୍ଧା ଫସଲ କାର୍ଯ୍ୟ ଶେଷକର

**ବିଭାଗୀୟ ଅଧିକାରୀଙ୍କୁ କୃଷି ସଚିବଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କୃଷି ଭବନ ଠାରେ ରାଜ୍ୟରେ ଖରିଫ ଚାଷ ଓ କୃଷି କାର୍ଯ୍ୟର ଅଗ୍ରଗତି ଏବଂ ଫସଲର ସଦ୍ୟତମ ସ୍ଥିତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅରବିନ୍ଦ ପାଢ଼ୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଦଳ ଗତ ମନୋଭାବ ନେଇ କାର୍ଯ୍ୟ କରି ଖରିଫ ଓ ରବି ଋତୁରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନିମନ୍ତେ ପରାମର୍ଶ ଦେଇଛନ୍ତି। ଆଲୋଚନାରୁ ମିଳିଥିବା ସୂଚନା ମୁତାବକ, ଗତ ୭ ତାରିଖ ସୁଦ୍ଧା ରାଜ୍ୟର ୩୦ ଜିଲାରେ ଚଳିତ ଖରିଫ ଚାଷ ଧାର୍ଯ୍ୟ ଲକ୍ଷ୍ୟର ୯୨ ପ୍ରତିଶତ ହୋଇପାରିଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ବିଭିନ୍ନ ଜିଲାର ୪୫ ବ୍ଲକ୍‌ରେ ବର୍ଷା ପରିମାଣ କମ୍ ଥିବାରୁ ଫସଲ ସ୍ଥିତି, ଚାଷ କାର୍ଯ୍ୟର ଅଗ୍ରଗତି ଏବଂ ଜଳସେଚନର ସୁବିଧା ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ସବୁ ଜିଲାରେ ଚଳିତ ସେପ୍ଟେମ୍ବର ଶେଷ ସୁଦ୍ଧା ଶତପ୍ରତିଶତ ଫସଲ କାର୍ଯ୍ୟ ସମାପନ ହେବ । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ରବି ଋତୁରେ ମହାନଦୀ ଡେଲ୍‌ଟା ଷ୍ଟେଜ୍–୧ ଓ ଷ୍ଟେଜ୍–୨ ଅଞ୍ଚଳରେ ଜଳସେଚନର ସୁବିଧାକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯାଇଛି । ତଦନୁଯାୟୀ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ ଓ ଖୋର୍ଦ୍ଧା ଆଦି ୬ ଜିଲାରେ ଥିବା କେନାଲ ଡିଷ୍ଟ୍ରିବ୍ୟୁଟାରୀ କମିଟି ଗଠନ ପୂର୍ବକ ରବି ଋତୁ ଫସଲର ପ୍ଲାନିଂ କରାଯିବ। ଏନେଇ ରାଜ୍ୟସ୍ତରୀୟ ବୈଷୟିକ କମିଟିକୁ ସେପ୍ଟେମ୍ବର ୩୦ ସୁଦ୍ଧା ପଠାଇବାକୁ କୃଷି ଓ ଜଳସମ୍ପଦ ବିଭାଗର ଜିଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।



୧୬ନମ୍ବର ଜାତୀୟ ରାଜପଥର ରସୁଲଗଡ଼ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ବଡ଼ ବଡ଼ ଖାଲର ମରାମତି ହେଉ ନ ଥିବାରୁ ଏହାକୁ ବିରୋଧ କରି ନବନିର୍ମାଣ ଛାତ୍ର ସଂଗଠନ ପକ୍ଷରୁ ଶୁକ୍ରବାର ରାସ୍ତାରୋକୋ କରାଯାଇଛି। (ଫଟୋ–ମନୋରଞ୍ଜନ ମିଶ୍ର)

# ଶିବବ୍ରତ ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର,୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ହେଭେନ୍ସ ଗ୍ରୁପ୍ ଟ୍ରଷ୍ଟ ପକ୍ଷରୁ 'ସ୍ମୃତିରେ ଶିବବ୍ରତ ସଙ୍ଗୀତ ସନ୍ଧ୍ୟା' ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ତାନସେନ ସିଂ, କୌଶିକି ପଟ୍ଟନାୟକ, ଏନ୍. ଶ୍ରୀନିବାସ, ଡ. ଆଦ୍ୟାଶା ଦାସ, ମହାପ୍ରସାଦ କର, ଅଶ୍ୱିନୀ ମହାନ୍ତି, ଡ. ଶ୍ୱେତା ମିଶ୍ର, ହରପ୍ରିୟା ସ୍ୱାଇଁ, ଆୟୁଷ୍ମାନ ପଣ୍ଡା, ପ୍ରତୀତି ସାହୁ, ଅବନ୍ତିକା ପଟ୍ଟନାୟକ, ସ୍ମରଣିକା ନାୟକ, ସୁଶାନ୍ତ ପଣ୍ଡା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଗୋରୀ ଦେଖିଲି କାଲି ଦେଖିଲି..., ମେଘ ବରଷିଲା ଟୁପୁରୁ ଟୁପୁରୁ..., ଯା ଯାରେ ଭାସିଯା..., ଚନ୍ଦ୍ରମଲ୍ଲୀ ହସେ..., ସପନ ମୋ ସରିଗଲା..., ହେ ଫଗୁଣ କାନ୍ଦନାରେ..., ଏ ବନ ଝରଣା..., ଯା ଯାରେ ଯା ଫୁଲ ରସିଆ..., ପ୍ରିୟା ବିନା ଝୁରେ ଖାଲି...ଆଦି ପୁରୁଣା ଓଡ଼ିଆ ରୋମାଣ୍ଟିକ ଚଳଚ୍ଚିତ୍ର ସଙ୍ଗୀତ ସନ୍ଧ୍ୟାକୁ ରୋମାଞ୍ଚିତ କରିଥିଲା। ଅତିଥି ଭାବେ ମୁମ୍ବାଇର ପୂର୍ବତନ ପୋଲିସ କମିଶନର ତଥା ମୋ ଓଡ଼ିଶା ପରିବାରର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ବିଧାୟକ ସୁଶାନ୍ତ କୁମାର ରାଉତ, ସୁଶାନ୍ତ ପଣ୍ଡା, ଶିବନାରାୟଣ ପଟ୍ଟନାୟକ ଓ ବାବି ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ କମଳ କିରଣ ପରିଚାଳନା କରିଥିବାବେଳେ ସୁଶାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।




ସୂଚନା ଭବନଠାରେ ଶୁକ୍ରବାର ଅନୁଷ୍ଠିତ 'ସ୍ମୃତିରେ ଶିବବ୍ରତ ସଙ୍ଗୀତ ସନ୍ଧ୍ୟା।

# 'ମହିଳାଙ୍କ ଅଧ୍ୟୟନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ'

ଭୁବନେଶ୍ୱର, ୮।୯(ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ମହିଳା ଅଧ୍ୟୟନ କେନ୍ଦ୍ର, ଭାରତୀୟ ମହିଳା ଶକ୍ତି ଏବଂ ଜାତୀୟ ମହିଳା ଆୟୋଗ ପକ୍ଷରୁ ବାଣୀବିହାର ଏମକେସିଜି ଅଡିଟୋରିୟମରେ 'ଉଦ୍ୟୋଗରେ ମହିଳାଙ୍କ ନିଷ୍ପତ୍ତି ନେବା ଭୂମିକା' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ୟୋଗ କ୍ଷେତ୍ରରେ ମହିଳାମାନଙ୍କ ନିଷ୍ପତ୍ତି ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ପ୍ରତିଭା, ଦକ୍ଷତା, କ୍ଷମତା ଓ କାର୍ଯ୍ୟ କରିବା ଶୈଳୀ ଆଦିରେ ମହିଳାମାନେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାନ୍ତି। ଫଳରେ ତାହା ଉଦ୍ୟୋଗର ବିକାଶ ଦିଗରେ ସହାୟକ ହୋଇଥାଏ। ଲିଙ୍ଗଗତ ସମାନତା ଅନୁଯାୟୀ ମହିଳାଙ୍କୁ ଉଦ୍ୟୋଗରେ ନିଷ୍ପତ୍ତି ନେବାରେ କ୍ଷମତା ଦେବାରେ କୌଣସି ଅସୁବିଧା ନାହିଁ। ଲିଙ୍ଗ ଦ୍ୱାରା ନିଷ୍ପତ୍ତି ନିର୍ଣ୍ଣୟ କରାଯିବା ଉଚିତ ନୁହେଁ। ମହିଳାଙ୍କ ଅଧ୍ୟୟନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଦରକାର ବୋଲି କୁଳପତି ଗୁରୁତ୍ୱାରୋପ କରିଥିଲେ। ଭାରତୀୟ ମହିଳା ଶକ୍ତିର ଉପାଧ୍ୟକ୍ଷ ନୟନା ସହସ୍ରବୁଦ୍ଧେ, କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ବିଭାଗର ଉପନିର୍ଦ୍ଦେଶକ ନୀତିଶା ମାନ ଉଦ୍ୟୋଗ କ୍ଷେତ୍ରରେ ମହିଳାଙ୍କ ଭୂମିକା ଓ ସେମାନେ ନେଉଥିବା ନିଷ୍ପତ୍ତି କିଭଳି ପ୍ରଭାବଶାଳୀ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସ୍କାର ପାଇଁ ଶକ୍ତିଶାଳୀ ମହିଳା ସଙ୍ଗଠନ(ସ୍ୱର)ର ମୁଖ୍ୟ ଚନ୍ଦନା ଦାସ ସ୍ୱାଗତ ଭାଷଣ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମହିଳା ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଜୟନ୍ତୀ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ଗବେଷକ, ଛାତ୍ରୀଛାତ୍ର, ଉଦ୍ୟୋଗ କ୍ଷେତ୍ରରେ ବିଭିନ୍ନ ଅଧିକାରୀ ଅଂଶଗ୍ରହଣ କରିଥିଲେ।

### ୨୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୮।୯(ସୂର୍ଯ୍ୟକାନ୍ତ ବେହେରା)

ବେଆଇନ ଭାବେ ବ୍ରାଉନସୁଗାର ବେପାର କରୁଥିବାବେଳେ ଶହୀଦନଗର ଥାନା ପୋଲିସ ଶାନ୍ତିପଲ୍ଲି ବସ୍ତି ନିକଟ ଫ୍ଲାଇଓଭର ବ୍ରିଜ୍ ତଳେ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କ୍ୟାପିଟାଲ ଥାନା ଅଞ୍ଚଳର ନବୀସ ଶତପଥୀ ଓ ଜଙ୍ଗିଆର ମାନସ ବଳବନ୍ତରାୟ। ସେମାନଙ୍କଠାରୁ ୨୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୨ ଲକ୍ଷ ଟଙ୍କା ହେବ। ତେବେ ସେମାନେ ବ୍ରାଉନସୁଗାର କେଉଁଠୁ ଆଣିଥିଲେ ତାହାକୁ ନେଇ ଖୋଳତାଡ ଚଳାଇଛି ପୋଲିସ ।

# ଏମ୍ସରେ ଏନ୍‌ଏଚ୍‌ଏମ୍ ଜିଲାସ୍ତରୀୟ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣବତ୍ତା ବୃଦ୍ଧି ଏବଂ ନିରାପତ୍ତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏମ୍ସ ଭୁବନେଶ୍ୱରର ଡାକ୍ତରଖାନା ପ୍ରଶାସନ ବିଭାଗ ପକ୍ଷରୁ ଏକ ୬ଦିନିଆ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। ୟୁନିସେଫ, ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚ୍‌ଏମ୍) ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଗୁଣବତ୍ତା ସୁନିଶ୍ଚିତ ମାନକକୁ ଅନୁପାଳନ କରାଯାଉଛି। ଏହି ତାଲିମ କାର୍ଯ୍ୟକ୍ରମ ଏନଏଚଏମର ଜିଲା ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ଏହି କ୍ଷେତ୍ରରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କୁ ନିରନ୍ତର ବ୍ୟବଧାନରେ ବିଭିନ୍ନ ପ୍ରସଙ୍ଗରେ ସଚେତନ କରିବାର ଗୁରୁତ୍ୱ ଉପରେ ମତଦେଇଥିଲେ। ଏନ୍‌ଏଚ୍‌ଏମ୍‌ର ନିର୍ଦ୍ଦେଶିକା ଡ. ବୃନ୍ଦା ଡି ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଠିକ ଉପଯୋଗ କରିବାକୁ ଉତ୍ସାହିତ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ, ଏନ୍‌ଏଚ୍‌ଏମ୍ ଓ ସ୍ୱାସ୍ଥ୍ୟ(ବୈଷୟିକ) ପରାମର୍ଶଦାତା ଡା. ବିଜୟ ସ୍ୱାଇଁ ଏବଂ ୟୁନିସେଫ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ମୀନା ସୋମ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍ସ ଭୁବନେଶ୍ୱରର ହସ୍ପିଟାଲ ଆଡମିନିଷ୍ଟ୍ରେଶନ ମୁଖ୍ୟ ଡ. ଜବାହର ଏସ୍. କେ. ପିଲାଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ସେବାର ଗୁଣବତ୍ତାସମ୍ପନ୍ନ ପରିଚାଳନା ଏବଂ ନିରାପତ୍ତା ବିଷୟକୁ ନେଇ ଏକ ପୋଷ୍ଟ–ଡକ୍ଟରାଲ ଫେଲୋଶିପ (ପିଡିଏଫ) କାର୍ଯ୍ୟକ୍ରମ ଆରମ୍ଭ କରିଥିବା ସମ୍ପର୍କରେ ଡ. ପିଲାଇ ସୂଚନା ଦେଇଥିଲେ। ଡ. (ମେଜର) ଏମ୍. ସି. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ସହ ତାଲିମ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

# ୨୮୦ ବ୍ଲକ୍‌ରେ ପ୍ରାଥମିକ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଭୁବନେଶ୍ୱର,୮।୯ (ଅନୁରାଧା ମହାରଣା)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେଶନର ଆହ୍ୱାନକ୍ରମେ ଶୁକ୍ରବାରଠାରୁ ରାଜ୍ୟର ପ୍ରାଥମିକ ଶିକ୍ଷକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ୩ଦଫା ଦାବି ନେଇ ପ୍ରଥମ ଦିନରେ ରାଜ୍ୟର ପ୍ରାୟ ୨୮୦ଟି ବ୍ଲକରେ ଏହି ଆନ୍ଦୋଳନ କରାଯାଇଛି। ଆଗାମୀ ଦିନରେ ୩୧୪ ବ୍ଲକରେ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ହାରରେ ଦରମା, ଜୁନିୟର ଶିକ୍ଷକଙ୍କୁ ନିୟମିତ ମାନ୍ୟତା, ଗଣଶିକ୍ଷକଙ୍କୁ ଏକ୍ସ କ୍ୟାଡରରୁ ହଟାଇବା ଆଦି ଦାବି ନେଇ ପ୍ରାୟ ୧ ଲକ୍ଷରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେବା ଯାଏ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଆନ୍ଦୋଳନ ଚାଲିବ। ସଂଘର ମହାସଚିବ ଚାରୁଲତା ମହାପାତ୍ର କହିଛନ୍ତି, ଅଗଷ୍ଟ ୫ରେ ୩୧୪ ବ୍ଲକ ଶିକ୍ଷାଧିକାରୀ ଓ ୧୧ ତାରିଖରେ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗୁରୁଦିବସରେ ରାଜ୍ୟ ସରକାର ଦାବି ପୂରଣ କରିବେ ବୋଲି ଶିକ୍ଷକମାନେ ଆଶା ରଖିଥିଲେ। ମାତ୍ର ସେପରିକିଛି ହେଲାନାହିଁ। ଏହା ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ଗଭୀର ଆଘାତ ପ୍ରଦାନ କରିଛି। ଦାବି ପୂରଣ ନିମନ୍ତେ ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବଙ୍କ ସହ ବହୁବାର ଆଲୋଚନା କରାଯାଇଥିଲା। ଏହା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ତେବେ କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱାରା ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ଏହା ବ୍ୟତୀତ ପିଲାମାନେ ପ୍ରତିଦିନ ଖାଉଥିବା ମଧ୍ୟାହ୍ନ ଭୋଜନରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ଉଭୟ ଶିକ୍ଷକ ସମାଜ ଓ ବିଦ୍ୟାର୍ଥୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ସଂଘର ଦାବି ମାନିନେବା ଉଚିତ ବୋଲି ମହାସଚିବ କହିଛନ୍ତି।




ବାଲିପାଟଣା ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣା।

## ସଂକ୍ଷେପରେ

### ୨୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୮।୯(ସୂର୍ଯ୍ୟକାନ୍ତ ବେହେରା)

ବେଆଇନ ଭାବେ ବ୍ରାଉନସୁଗାର ବେପାର କରୁଥିବାବେଳେ ଶହୀଦନଗର ଥାନା ପୋଲିସ ଶାନ୍ତିପଲ୍ଲି ବସ୍ତି ନିକଟ ଫ୍ଲାଇଓଭର ବ୍ରିଜ୍ ତଳେ ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କ୍ୟାପିଟାଲ ଥାନା ଅଞ୍ଚଳର ନବୀସ ଶତପଥୀ ଓ ଜଙ୍କିଆର ମାନସ ବଳବନ୍ତରାୟ। ସେମାନଙ୍କଠାରୁ ୨୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୨ ଲକ୍ଷ ଟଙ୍କା ହେବ। ତେବେ ସେମାନେ ବ୍ରାଉନସୁଗାର କେଉଁଠୁ ଆଣିଥିଲେ ତାହାକୁ ନେଇ ଖୋଳତାଡ ଚଳାଇଛି ପୋଲିସ ।

### ଦାବି ପୂରଣ ପାଇଁ ପ୍ରାଥମିକ ଶିକ୍ଷକଙ୍କ ସ୍ୱର ତେଜିଲା

ଖୋର୍ଦ୍ଧା,୮।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମିଳିତ ଶିକ୍ଷକମାନଙ୍କ ଆନ୍ଦୋଳନ ତେଜିଛି। ରାଜ୍ୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେଶନ୍ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଖୋର୍ଦ୍ଧା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସିଛନ୍ତି। ସେମାନେ ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷକ ମାରଣ ନୀତିକୁ ତୀବ୍ର ବିରୋଧ କରିଛନ୍ତି। ୨୦୦୭ରୁ ଅଦ୍ୟାବଧି ବହୁବାର ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ସଚିବଙ୍କ ସହିତ ଆଲୋଚନା କରିଆସୁଥିଲେ ମଧ୍ୟ ସୁଫଳ ମିଳିନାହିଁ। ତେଣୁ ସେମାନେ ୩ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା, ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ନୋସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରୀରେ ଗଣନା କରିବା ସହିତ ଏକ୍ସ-କ୍ୟାଡ଼ର ଉଚ୍ଛେଦ, କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ ଶିକ୍ଷକଙ୍କ ମାନ୍ୟତା ପ୍ରଦାନ, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ ଦେବା ଓ ନୂତନ ପେନ୍‌ସନ୍ ପ୍ରଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ପୁନଃ ପ୍ରଚଳନ କରାଯିବାକୁ ଦାବି କରାଯାଇଛି। ଏହି ଆନ୍ଦୋଳନରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଅମୀୟ କୁମାର ପରିଡ଼ା, ପିଷ୍ଟା ରାଜ୍ୟ ଉପସଭାପତି ଅଗାଧୁ ସେଠୀ, ପିଷ୍ଟା ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ନିଖିଳ ଉତ୍କଳ ମହାସଂଘର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବିଶ୍ୱାଳ, ଏସ୍. କ୍ୟାଡ଼ର୍ ସଭାପତି ପ୍ରସନ୍ନ କୁମାର ମହାପାତ୍ର, ଓଡ଼ିଶା କଳାକ୍ରୀଡ଼ା ସଂଘର ସଭାପତି ସତ୍ୟଜିତ୍ ମହାନ୍ତି, ଜ୍ୟୋର୍ତିମୟୀ ନାୟକ, ଦିବ୍ୟସିଂହ ସୁବୁଦ୍ଧି, ରବିନାରାୟଣ ପଣ୍ଡା ଏବଂ ମନୋଜ ଦାଶ ପ୍ରମୁଖ ସାମିଲ ଥିଲେ।

# ଗୁମର ଖୋଲୁଛି, ଦୋଷ ଢାଙ୍କିବାକୁ ଚେଷ୍ଟା

## ବିନା ଯୋଗ୍ୟତାରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପ୍ରସଙ୍ଗ

ଖୋର୍ଦ୍ଧା, ୮।୯(ପ୍ରଭାତ ପାଣିଗ୍ରାହୀ)

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଯୋଗ୍ୟତା (ବିନା ଏନ୍‌ଇଇଟି)ରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପ୍ରସଙ୍ଗର ଗୁମର ଖୋଲିବାରେ ଲାଗିଛି। ନକଲି ସାର୍ଟିଫିକେଟରେ ବାହାର କଲେଜର ଛାତ୍ରୀଛାତ୍ର (କୌଣସି ଆୟୁର୍ବେଦ କଲେଜରେ ନାମ ଲେଖାଇ ନ ଥିବା)ଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ସେମାନଙ୍କୁ ପାଠପଢା ସୁଯୋଗ ଦିଆଯାଇଛି। ୨୦୨୦-୨୧ ବ୍ୟାଚ୍‌ରେ ଦୁଇଜଣ ଛାତ୍ରୀଛାତ୍ରଙ୍କୁ ବିନା ଏନ୍‌ଇଇଟିରେ ନକଲି ସାର୍ଟିଫିକେଟରେ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ଖବର ଧରିତ୍ରୀରେ ଗତ ଜାନୁୟାରୀ ୧୦ରେ ପ୍ରକାଶ ପାଇଥିଲା। ଏହାପରେ କଲେଜ କର୍ତ୍ତୃପକ୍ଷ ନିଜ ଦୋଷ ଲୁଚାଇବାକୁ ଯାଇ ଉଭୟଙ୍କୁ ନୋଟିସ ଦେଇ ବାହାର କରିଦେଇଛନ୍ତି। ଅନୁରୂପ ଭାବେ ୨୦୧୬ରେ ଜଣେ ଛାତ୍ରୀ ପାସ୍ କରିଯାଇଥିବାବେଳେ ୨୦୧୭-୧୮ ବ୍ୟାଚ୍‌ର ଦୁଇଜଣ ଛାତ୍ରୀଛାତ୍ର ଗତ ଜୁଲାଇରେ ହାଉସ ସର୍ଜନ ପାଠ୍ୟକ୍ରମ ସାରିଛନ୍ତି।

ସେମାନଙ୍କୁ କଲେଜ କର୍ତ୍ତୃପକ୍ଷ ସାର୍ଟିଫିକେଟ ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ସମସ୍ତ ଟ୍ରାନ୍ସଫର ବେସିସ୍‌ରେ ବରଗଡ଼ ପାଇକମାଳସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଏବଂ ଗବେଷଣା ପ୍ରତିଷ୍ଠାନ (ଏସ୍‌ଏସ୍‌ଏନ୍‌ଆର୍‌ଆଇ)ଠାରୁ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନାମଲେଖା ସୁଯୋଗ ପାଇଥିବା ସୂଚନା ମିଳିଛି। ତେବେ ରାଜ୍ୟ ଆୟୁଷ ନିର୍ଦ୍ଦେଶକଙ୍କ ଚିଠି ନଂ.୪୮୧୩/ଡି-ଆୟୁଷ/୨୭.୦୬.୨୩ ପ୍ରକାରେ ଏସ୍‌ଏସ୍‌ଏନ୍‌ଆର୍‌ଆଇ କାର୍ଯ୍ୟାଳୟ ଚିଠି ନଂ. ୧୧୮୦/ ୨୮.୦୬.୨୩ ପ୍ରକାରେ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚରେ ଉଲ୍ଲେଖ କରିଥିବା ୫ ଛାତ୍ରୀଛାତ୍ର ସେମାନଙ୍କ (ଏସ୍‌ଏସ୍‌ଏନ୍ ଆଣ୍ଡ ଆର୍‌ଆଇ) କଲେଜର ନୁହଁ ବୋଲି ଆୟୁଷ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ତେବେ ୨୦୧୬ରେ ବିନା ଯୋଗ୍ୟତାରେ ନାମ ଲେଖାଇଥିବା ସଂପୃକ୍ତ ଛାତ୍ରୀ ପାଇକମାଳସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଏବଂ ଗବେଷଣା ପ୍ରତିଷ୍ଠାନରୁ ଟ୍ରାନ୍ସଫର/ମାଇଗ୍ରେସନ ବେସିସରେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନାମ ଲେଖାଇଥିବା ଆୟୁଷ ନିର୍ଦ୍ଦେଶକଙ୍କଠାରୁ ହସ୍ତଗତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏସ୍‌ଏସ୍‌ଏନ୍ ଆଣ୍ଡ ଆର୍‌ଆଇ ପୂର୍ବରୁ ଉକ୍ତ ଛାତ୍ରୀ ତାଙ୍କ କଲେଜର ନୁହେଁ ବୋଲି ଆୟୁଷ ନିର୍ଦ୍ଦେଶକଙ୍କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ତତ୍କାଳୀନ ଆୟୁଷ ନିର୍ଦ୍ଦେଶକଙ୍କ ଚିଠି ନଂ. ୯୦୨୯/୨୫.୧୧.୨୦୧୭ ଅନୁଯାୟୀ ୨୦୧୬-୧୭ ବ୍ୟାଚ୍‌ରେ ଟ୍ରାନ୍ସଫର/ମାଇଗ୍ରେସନ ବେସିସରେ ନାମ ଲେଖାଇବା ପାଇଁ ୧୮.୧୧.୨୦୧୭ରେ ଆୟୁଷ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୩ ଜଣିଆ କମିଟିକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସୁପାରିସ କ୍ରମେ ବ୍ରହ୍ମପୁର ଓ ପୁରୀରେ ଖାଲିଥିବା ଗୋଟିଏ ଲେଖାଏ ସିଟ୍‌ରେ ଟ୍ରାନ୍ସଫର/ମାଇଗ୍ରେସନ ବେସିସରେ ନାମଲେଖା ପାଇଁ ସୁଯୋଗ ଦିଆଯାଇଥିଲା। ବିନା ଯୋଗ୍ୟତାରେ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚ୍‌ରେ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ କୌଣସି ତଥ୍ୟ ନ ଥିବା ପୂର୍ବରୁ କଲେଜ ଅଧ୍ୟକ୍ଷ ଚିଠି ନଂ. ୧୭୦୭/୨୦.୦୫.୨୩ରେ ଜଣାଇଛନ୍ତି। ଏଥିସହ ଚିଠି ନଂ ୧୭୦୩/ତାରିଖ ୨୦.୦୫.୨୩ ପ୍ରକାରେ ସଂପୃକ୍ତ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏନଇଇଟି ର୍ୟାଙ୍କ/ ଓଜେଇ ଆଲଟ୍‌ମେଣ୍ଟ ନମ୍ବର ଏବଂ କଲେଜ ଲିଭିଙ୍ଗ ସାର୍ଟିଫିକେଟ ଓ ମାଇଗ୍ରେସନ ସାର୍ଟିଫିକେଟ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ନ ଥିବା(ନଟ୍ ଟ୍ରେସେବୁଲ୍) ଦର୍ଶାଯାଇଥିଲା। ୨୦୧୬-୧୭ ବ୍ୟାଚରେ ୨୯ଜଣ ଛାତ୍ରୀଛାତ୍ର ସେମାନଙ୍କ ବର୍ଷକିଆ ହାଉସ ସର୍ଜନ ସାରିଥିବା ଏବଂ ସେମାନଙ୍କୁ ପ୍ରୋଭିଜିନାଲ ସାଟିଫିକେଟ ପ୍ରଦାନ କରିବାକୁ କଲେଜ ଅଧ୍ୟକ୍ଷ ଚିଠି ନଂ ୩୭୦୪/ତାରିଖ ୦୩.୦୮.୨୦୨୨ ପ୍ରକାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ନିକଟକୁ ପଠାଇଥିବା ଚିଠିରେ ସଂପୃକ୍ତ ଛାତ୍ରୀଙ୍କ ରୋଲ ନମ୍ବର ଏବଂ ରେଜିଷ୍ଟ୍ରେସନ ନମ୍ବର ଉଲ୍ଲେଖ କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ, ୨୦୧୬-୧୭ ବ୍ୟାଚର ସଂପୃକ୍ତ ଛାତ୍ରୀଙ୍କୁ ଉକ୍ତ ୩ଜଣିଆ କମିଟି ନାମଲେଖା ସୁଯୋଗ ଦେଇଥିବା ବେଳେ କଲେଜ କର୍ତ୍ତୃପକ୍ଷଙ୍କ ମିଛ ଏବେ ପଦାରେ ପଡ଼ିଛି। ନିକଟରେ ଧରିତ୍ରୀରେ ପ୍ରକାଶିତ ଖବର ଉପରେ ପୁରୀ ଯୁବ କଂଗ୍ରେସ ପକ୍ଷରୁ ଉଦ୍‌ବେଗ ପ୍ରକାଶ ସହ ତଦନ୍ତ ଲାଗି ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଉକ୍ତ ଘଟଣା ସମ୍ପର୍କରେ ଗତ ମେ ୨ ଓ ୧୯ ତାରିଖରେ ରାଜ୍ୟ ଆୟୁଷ ନିର୍ଦ୍ଦେଶକ ଏବଂ ୧୪.୦୫.୨୩ରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିକଟରେ ତଥ୍ୟ ପ୍ରମାଣ ସହିତ ଲିଖିତ ଅଭିଯୋଗ ସତ୍ତ୍ୱେ ନୀରବତାକୁ ନେଇ ସ୍ୱଚ୍ଛତା ଉପରେ ଅଙ୍ଗୁଳି ଉଠିଛି।

### 'ମହିଳାଙ୍କ ଅଧ୍ୟୟନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ'

ଭୁବନେଶ୍ୱର, ୮।୯(ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ମହିଳା ଅଧ୍ୟୟନ କେନ୍ଦ୍ର, ଭାରତୀୟ ମହିଳା ଶକ୍ତି ଏବଂ ଜାତୀୟ ମହିଳା ଆୟୋଗ ପକ୍ଷରୁ ବାଣୀବିହାର ଏମକେସିଜି ଅଡିଟୋରିୟମରେ 'ଉଦ୍ୟୋଗରେ ମହିଳାଙ୍କ ନିଷ୍ପତ୍ତି ନେବା ଭୂମିକା' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ୟୋଗ କ୍ଷେତ୍ରରେ ମହିଳାମାନଙ୍କ ନିଷ୍ପତ୍ତି ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ପ୍ରତିଭା, ଦକ୍ଷତା, କ୍ଷମତା ଓ କାର୍ଯ୍ୟ କରିବା ଶୈଳୀ ଆଦିରେ ମହିଳାମାନେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥାନ୍ତି। ଫଳରେ ତାହା ଉଦ୍ୟୋଗର ବିକାଶ ଦିଗରେ ସହାୟକ ହୋଇଥାଏ। ଲିଙ୍ଗଗତ ସମାନତା ଅନୁଯାୟୀ ମହିଳାଙ୍କୁ ଉଦ୍ୟୋଗରେ ନିଷ୍ପତ୍ତି ନେବାରେ କ୍ଷମତା ଦେବାରେ କୌଣସି ଅସୁବିଧା ନାହିଁ। ଲିଙ୍ଗ ଦ୍ୱାରା ନିଷ୍ପତ୍ତି ନିର୍ଣ୍ଣୟ କରାଯିବା ଉଚିତ ନୁହେଁ। ମହିଳାଙ୍କ ଅଧ୍ୟୟନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଦରକାର ବୋଲି କୁଳପତି ଗୁରୁତ୍ୱାରୋପ କରିଥିଲେ। ଜୟନ୍ତୀ ଦୋରା ଧନ୍ୟବାଦ ଦେଇଥିଲେ।



ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଶୁକ୍ରବାର ମିନି ମାରାଥନ କାର୍ଯ୍ୟକ୍ରମକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

### ଚକ୍ଷୁଦାନ ପାଇଁ ମିନି ମାରାଥନ

ଖୋର୍ଦ୍ଧା,୮।୯ (ପ୍ରଭାତ ପାଣିଗ୍ରାହୀ)

ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ ଅବସରରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ବିଭାଗ ଓ ଦୃଷ୍ଟିଦାନ ଆଖି ବ୍ୟାଙ୍କର ମିଳିତ ସହଯୋଗରେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଖୋର୍ଦ୍ଧା ଷ୍ଟାଡିୟମରୁ ଏକ ମାରାଥନ ବାହାରି ଜିଲା ଚକ୍ଷୁ ବିଭାଗ ପର୍ଯ୍ୟନ୍ତ ଯାଇଥିଲା। ମାରାଥନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କୁ ଚକ୍ଷୁଦାନର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ସଚେତନତା କରାଇବା। ଦୃଷ୍ଟିହୀନର କାରଣ ଓ ନିରାକରଣ ସହ ଏହାର ଦୂରୀକରଣରେ ଜନସାଧାରଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡ. ଅଜୟ କୁମାର ସିଂହ କହିଥିଲେ । ମାରାଥନରେ ସ୍ୱେଚ୍ଛାସେବୀଙ୍କ ସମେତ ବିଭିନ୍ନ କ୍ଲବର ସଦସ୍ୟ, ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ । ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ପରାମର୍ଶଦାତା ମନୋରଞ୍ଜନ ପଟ୍ଟନାୟକ ଓ ସରୋଜ କୁମାର ମହାପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

### ମତ୍ସ୍ୟଜୀବୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

କୃଷ୍ଣପ୍ରସାଦ,୮।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିବା ଓ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନା କିପରି ମତ୍ସ୍ୟଜୀବୀଙ୍କ ପାଖରେ ପହଞ୍ଚିପାରିବ ସେନେଇ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର କୃଷ୍ଣପ୍ରସାଦ ବ୍ଲକ ହରିପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ମତ୍ସ୍ୟ ଅଧିକାରୀ ବିଜୟାନନ୍ଦ ସେଠଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ସମ୍ମାନିତ ଅତିଥି ଓଁ ଶାନ୍ତି ଦେବାୟ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି ରମେଶ ପ୍ରଧାନ, ରସକୁଦୀ ମତ୍ସ୍ୟଜୀବୀ ସମବାୟ ସମିତି ସଭାପତି ସନ୍ନ୍ୟାସୀ ବେହେରା, ୨୨ ପଲ୍ଲୀ ମତ୍ସ୍ୟଜୀବୀ ମହାସଂଘ ସଭାପତି ନରେନ୍ଦ୍ର କୁମାର ବେହେରା, ଅତିରିକ୍ତ ମତ୍ସ୍ୟ ଅଧିକାରୀ(ବାଲୁଗାଁ)ଅଶୋକ ଇନ୍ଦୁଆର, ବରିଷ୍ଠ ମତ୍ସ୍ୟ ପରାମର୍ଶଦାତା ରଜନୀକାନ୍ତ ମଲିକ, ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇ ମତ୍ସ୍ୟଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିଲିକା ଉପକୂଳବର୍ତ୍ତୀ ରସକୁଦୀ, ଖଟିଆକୁଦୀର ସମସ୍ତ ମତ୍ସ୍ୟଜୀବୀଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ଜିଜ୍ଞାସା ତାଲିମ ଶିବିର ଉଦ୍‌ଯାପିତ

ବୋଲଗଡ଼,୮।୯ (ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକସ୍ତରୀୟ ଜିଜ୍ଞାସା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିର ଗୁରୁବାରଠାରୁ ସ୍ଥାନୀୟ ସରକାରୀ ବାମନ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ମାଗୁଣି ଚରଣ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଯୋଗଦେଇ ଜିଜ୍ଞାସା ତାଲିମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ମୋ ସ୍କୁଲ ପରିଚାଳନା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଣ୍ଟରନାଲ ଅସେସ୍‌ମେଣ୍ଟ ପ୍ରକଳ୍ପ କାର୍ଯ୍ୟ ଓ ନମ୍ବର ବିଭକ୍ତୀକରଣ ବିଷୟରେ ଉପକ୍ରମ, ଅଧ୍ୟୟନର ଉଦ୍ଦେଶ୍ୟ, ଅନୁସନ୍ଧାନ ପ୍ରଶ୍ନ, ବିଷୟର ମହତ୍ତ୍ୱ ଓ ପ୍ରାସଙ୍ଗିକତା, ବିଷୟ ସମ୍ପର୍କିତ ସମୀକ୍ଷା ପଦ୍ଧତି, ତଥ୍ୟ ବିଶ୍ଳେଷଣ, ତଥ୍ୟ ପ୍ରସ୍ତୁତି, ପ୍ରକଳ୍ପର ସୀମା, ତଥ୍ୟ ସଂଗ୍ରହ କରିବାରେ ବ୍ୟବହୃତ ପ୍ରଶ୍ନ ଏବଂ ଓ ପ୍ରକଳ୍ପ ଉପସ୍ଥାପନା ଆଦି ବିଷୟରେ ବିଜ୍ଞାନ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ବ୍ଲକ ଅଧୀନ ସମସ୍ତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକମାନେ ତାଲିମ ନେଇଥିଲେ। ବାମନ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶାନ୍ତନୁ କୁମାର ଶ୍ରୀଚନ୍ଦନ ଓ ବେଗୁନିଆ ବ୍ଲକ ପରିଛଳ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଭାତ କୁମାର ସାହୁ ତାଲିମ ପ୍ରଦାନ କରିଥିଲେ।

### ସ୍ୱଚ୍ଛ ବାୟୁ ଉପରେ ପୋଷ୍ଟର, ଭିଡିଓଗ୍ରାଫି ପ୍ରତିଯୋଗିତା

ଭୁବନେଶ୍ୱର, ୮।୯ (ବନ୍ଦନା ସେଠୀ)

'ଇଣ୍ଟରନ୍ୟାଶନାଲ୍ ଡେ' ଅଫ୍ କ୍ଲିନ୍ ଏୟାର ଫର୍ ବ୍ଲୁ ସ୍କାଇ' ଅବସରରେ ସ୍ୱିଚ୍ ଅନ୍ ଫାଉଣ୍ଡେଶନ୍ ପକ୍ଷରୁ ସ୍ୱଚ୍ଛ ବାୟୁ ବିଷୟବସ୍ତୁ ଉପରେ ଏକ ପୋଷ୍ଟର ଏବଂ ଭିଡିଓଗ୍ରାଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର, କଟକ ଓ ପୁରୀର ୭ଟି ସ୍କୁଲରୁ ୩୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଉପରେ ବାୟୁ ପ୍ରଦୂଷଣର ପ୍ରଭାବ, ଗ୍ଲୋବାଲ ୱାର୍ମିଂ, ଗଛର ମହତ୍ତ୍ୱ ଆଦି ପ୍ରସଙ୍ଗକୁ ଛାତ୍ରୀଛାତ୍ର ଚିତ୍ରରେ ପ୍ରଦର୍ଶନ କରିଥିଲେ, ଯାହା କି ଦର୍ଶକଙ୍କ ପାଇଁ ପ୍ରଭାବଶାଳୀ ଥିଲା। ଏହାପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଫାଉଣ୍ଡେଶନର ଏମ୍‌ଡି ବିନୟ ଜାଜୁ କହିଲେ, ବାୟୁ ପ୍ରଦୂଷଣ ମଣିଷର ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ବଡ ବିପଦ। ପିଲାମାନଙ୍କୁ ଅଳ୍ପ ବୟସରେ ନିର୍ମଳ ବାୟୁ ପାଇଁ ଲଢ଼ିବାକୁ ଉତ୍ସାହିତ କରାଯାଉଛି ବୋଲି ସେ କହିଥିଲେ।

### କ୍ଲବ ମର୍ନିଂଷ୍ଟାର ଫାଇନାଲକୁ ଉନ୍ନୀତ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

#### ଶରଧାପୁର ଫୁଟବଲ ଲିଗ୍

ଖୋର୍ଦ୍ଧା,୮।୯(ପ୍ରଭାତ ପାଣିଗ୍ରାହୀ)

ଶରଧାପୁର ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଶରଧାପୁର ଫୁଟବଲ ଲିଗ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଖେଳ ପଡିଆରେ ପ୍ରାଣନାଥ କଲେଜ ଟିମ୍ ଓ କ୍ଲବ ମର୍ନିଂଷ୍ଟାର ମଧ୍ୟରେ ଆୟୋଜିତ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ କ୍ଲବ ମର୍ନିଂଷ୍ଟାର ପ୍ରଥମ ଗୋଲ ଦେଇଥିବା ବେଳେ ଖେଳ ଶେଷ ହେବା ସୁଦ୍ଧା ବିପକ୍ଷ ଟିମ୍ ଗୋଲ ପରିଶୋଧ କରିପାରି ନ ଥିଲେ। ୧-୦ ବ୍ୟବଧାନରେ କ୍ଲବ ମର୍ନିଂଷ୍ଟାର ବିଜୟ ଲାଭ କରି ପ୍ରଥମ ଟିମ୍ ଭାବେ ଫାଇନାଲରେ ପ୍ରବେଶ କରିଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର ମହେଫୁଜର ରେହେମାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମର ଲକ୍ଷ୍ମୀଧର ବଡଜେନା, ବନମାଳି ବେହେରା, ଆୟୋଜକ ଟିମ୍ ସଭାପତି ଏମ୍‌ଡି ଇଦରିଶ ପ୍ରମୁଖ ଉପସ୍ଥିତ ଥିଲେ। ରାଜେନ୍ଦ୍ର ନାୟକଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଥିଲା। ପ୍ରଫୁଲ୍ଲ କୁମାର ବେହେରା, ବି. ନାୟକ, ଗିରିଶ ଚନ୍ଦ୍ର ଜାନି ଏବଂ ଇଜାଜ୍ ହୁସେନ ମ୍ୟାଚ ପରିଚାଳନା କରିଥିଲେ। ରବିବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଆୟୋଜକ ଟିମ୍ ବନାମ କ୍ଲବ ମର୍ନିଂଷ୍ଟାର ମଧ୍ୟରେ ଅନୁଷ୍ଠିତ ହେବ।

# ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବେଗୁନିଆ,୮।୯(ହର ପ୍ରସନ୍ନ ପଣ୍ଡା)



ବେଗୁନିଆ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘପକ୍ଷରୁ ଧାରଣା ଦିଆଯାଇଛି।

ବେଗୁନିଆ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ୩ ଦଫା ଦାବିରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବ୍ଲକ ସଂଘ ସଭାପତି ରବୀନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଥିଲେ। ସଂଘର ସମ୍ପାଦକ ସରୋଜ କୁମାର ବେହେରା, ଉପଦେଷ୍ଟା ବସନ୍ତ ପ୍ରହରାଜ, ଉମାକାନ୍ତ ନାୟକ, ବସନ୍ତ ଜୟସିଂହ, ରାମଚନ୍ଦ୍ର ଷଣ୍ଢ, ଆଲୋକ ସାମନ୍ତରାୟ, ରବୀନ୍ଦ୍ର ନାଥ ସାହୁ, ମାନସ ରଞ୍ଜନ ପରିଡା, ଅକ୍ଷୟ ମଲ୍ଲିକ, ଅଖିଳେଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

**କୃଷ୍ଣପ୍ରସାଦ(କୈଳାସ ଚନ୍ଦ୍ର ପଟ୍ଟନାୟକ)** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୧୫୮ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ୩ଦଫା ଦାବିରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ୍‌କୁ ପୁନଃ ପ୍ରଚଳନ, ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ ଏବଂ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ମୂଳବେତନ ଲେଭୁଲ-୯ ଗ୍ରେଡ୍ ପେ ୪୨୦୦ ଅନୁଯାୟୀ ପ୍ରଦାନ ଆଦି ଦାବି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ବ୍ଲକ ଶିକ୍ଷକ ସଂଘ ସଭାପତି ଖଗେଶ୍ୱର ଜେନା, ସମ୍ପାଦକ ରାମକୃଷ୍ଣ ଜାଲି କହିଛନ୍ତି। ଭବାନୀ ଶଙ୍କର ଜେନା, ସୁନୀଲ ଜେନା, ବସନ୍ତ ଜାଲି, ବିଷ୍ଣୁପ୍ରିୟା ଡାକୁଆ, ଚିନ୍ମୟୀ ନାୟକ, କଲ୍ୟାଣି ଜେନାଙ୍କ ସମେତ ୩୫୦ ଶିକ୍ଷୟିତ୍ରୀଶିକ୍ଷକ ଧାରଣାରେ ସାମିଲ ହୋଇଥିଲେ।

**ଟାଙ୍ଗୀ(ରଘୁନାଥ ସାହୁ):** ୩ ଦଫା ଦାବିରେ ଶୁକ୍ରବାର ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଶିକ୍ଷୟିତ୍ରୀଶିକ୍ଷକମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଛେଦ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ, ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ମୂଳବେତନ ପ୍ରଦାନ କରିବାକୁ ଦାବି କରାଯାଇଛି। ୧୦ ତାରିଖ ପର୍ଯ୍ୟନ୍ତ ଗଣଧାରଣା ଏବଂ ୧୧ ତାରିଖ ଠାରୁ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ସମ୍ପାଦକ ସନ୍ତୋଷ ବେହେରା କହିଛନ୍ତି। ସଂଘ ସଭାପତି ସଲିଳ ସ୍ୱାଇଁ, ଜିଲା ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, କୋଷାଧ୍ୟକ୍ଷ ଗୋପାଳ ସେଣ, ରବୀନ୍ଦ୍ର ବେହେରା, ସଙ୍ଗଠନ ସମ୍ପାଦକ ସମରେଶ ବେହେରା, ସିଦ୍ଧାର୍ଥ ମିଶ୍ର, ଦେବାନନ୍ଦ ବେହେରା, ମନୋରଞ୍ଜନ ମହାରଣା, ଶ୍ୟାମସୁନ୍ଦର ବିଶ୍ୱାଳ, କୁନ୍ତଳା ସାହୁ, ମିନତୀ ଶ୍ରୀଚନ୍ଦନ, ନିବେଦିତା ସାହୁ ପ୍ରମୁଖ ଯୋଗଦେଇଥିଲେ।

**ଯାଁଳା୮।୯(ବୁଲା ବାରିକ):** ୩ ଦଫା ଦାବିରେ ଜଟଣୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଶିକ୍ଷୟିତ୍ରୀଶିକ୍ଷକମାନେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଜଟଣୀ (ଏୟୁପିଟିଏଫ) ସଭାପତି ଜିତ୍ ରଞ୍ଜନ ମହାପାତ୍ର ଓ ସମ୍ପାଦକ ଆକାଶ ମହାନ୍ତି ଓ ଏଲିମେଣ୍ଟାରି ଶିକ୍ଷକ ସଂଘ (ପିଏସଟିଏ) ଜଟଣୀ ବ୍ଲକ ସଭାପତି ଅକ୍ଷୟ କୁମାର ପାଲଟାସିଂ ଓ ସଭାପତି ଟୁଲୁ ଦେଈଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା।ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

**ବୋଲଗଡ଼,(ଦେବବ୍ରତ ହୋତା):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଆହ୍ୱାନକ୍ରମେ ୩ ଦଫା ଦାବିରେ ବୋଲଗଡ ବ୍ଲକ ଶାଖା ପ୍ରାଥମିକ ଶିକ୍ଷକ ସଙ୍ଘ ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। କେନ୍ଦ୍ରୀୟ ହରରେ ଦରମା ପ୍ରଦାନ, ଠିକା ନିଯୁକ୍ତି ଉଚ୍ଛେଦ, ପୁରୁଣା ପେନଶନ ବ୍ୟବସ୍ଥା ଲାଗୁ କରିବା ଆଦି ଦାବି ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଶିକ୍ଷକମାନେ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦିଆଯାଇଛି। ସଂଘ କାର୍ଯ୍ୟକର୍ତ୍ତା ଅପର୍ତ୍ତି ଅଙ୍ଗ, ମଳୟ ପଣ୍ଡା, ଶୈଳେନ ପଟ୍ଟନାୟକ, ପ୍ରଫୁଲ୍ଲ ସିଂହ, ଜନ୍ମେଜୟ ମାଝୀଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ଥିଲେ।

**ବିଶ୍ୱ ଭୌତିକ ଚିକିତ୍ସା ଦିବସ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ପ୍ରତିଷ୍ଠିତ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ପୁନରବାସ ଚିକିତ୍ସା ସେବାକେନ୍ଦ୍ର ଏବଂ ମାନସିକ ଅନଗ୍ରସର ବିଦ୍ୟାଳୟର ମିଳିତ ସହଯୋଗରେ ଭୌତିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଡିପ୍ଲୋମା କଲେଜର ଅଧକ୍ଷା କୁକୁମିନା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଡ. ସୁଦର୍ଶନ ପାଢୀ, ଉକ୍ତ ପ୍ରକଳ୍ପର ସଂଯୋଜକ କିଶୋର ଚନ୍ଦ୍ର ହାତୀ, ମମତା ହରିଚନ୍ଦନ, ସୁପ୍ରଭା ମହାନ୍ତି, ରଶ୍ମିରିତା ପାଢୀ, ତପନ କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଶ୍ୱ ଭୌତିକ ଚିକିତ୍ସା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପିଲାମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାମାଲି ପରିଡା ଧନ୍ୟବାଦ ଦେଇଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୮।୯।୨୦୨୩

| | |
|---|---|
| ୩,୧୫,୭୨୦ ଟଙ୍କା | |
| ସୁନା | ୨.୦୫୦ ଗ୍ରାମ୍ |
| ରୁପା | ୪୮.୯୦୦ ଗ୍ରାମ୍ |

# ଗୁମର ଖୋଲୁଛି, ଦୋଷ ଢାଙ୍କିବାକୁ ଚେଷ୍ଟା

**ବିନା ଯୋଗ୍ୟତାରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପ୍ରସଙ୍ଗ**

ଖୋର୍ଦ୍ଧା, ୮।୯(ପ୍ରଭାତ ପାଣିଗ୍ରାହୀ): ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଯୋଗ୍ୟତା (ବିନା ଏନ୍ଇଇଟି)ରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପ୍ରସଙ୍ଗର ଗୁମର ଖୋଲିବାରେ ଲାଗିଛି। ନକଲି ସାର୍ଟିଫିକେଟରେ ବାହାର କଲେଜର ଛାତ୍ରୀଛାତ୍ର (କୌଣସି ଆୟୁର୍ବେଦ କଲେଜରେ ନାମ ଲେଖାଇ ନ ଥିବା)ଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ସେମାନଙ୍କୁ ପାଠପଢା ସୁଯୋଗ ଦିଆଯାଇଛି। ୨୦୨୦-୨୧ ବ୍ୟାଚ୍‌ରେ ଦୁଇଜଣ ଛାତ୍ରୀଛାତ୍ରଙ୍କୁ ବିନା ଏନ୍ଇଇଟିରେ ନକଲି ସାର୍ଟିଫିକେଟରେ ନାମଲେଖା ସୁଯୋଗ ଦିଆଯାଇଥିବା ନେଇ ଖବର ଧରିତ୍ରୀରେ ଗତ ଜାନୁୟାରୀ ୧୦ରେ ପ୍ରକାଶ ପାଇଥିଲା। ଏହାପରେ କଲେଜ କର୍ତ୍ତୃପକ୍ଷ ନିଜ ଦୋଷ ଲୁଚାଇବାକୁ ଯାଇ ଉଭୟଙ୍କୁ ନୋଟିସ ଦେଇ ବାହାର କରିଦେଇଛନ୍ତି। ଅନୁରୂପ ଭାବେ ୨୦୧୬ରେ ଜଣେ ଛାତ୍ରୀ ପାସ୍ କରିଯାଇଥିବାବେଳେ ୨୦୧୭-୧୮ ବ୍ୟାଚ୍‌ର ଦୁଇଜଣ ଛାତ୍ରୀଛାତ୍ର ଗତ ଜୁଲାଇରେ ହାଉସ ସର୍ଜନ ପାଠ୍ୟକ୍ରମ ସାରିଛନ୍ତି। ସେମାନଙ୍କୁ କଲେଜ କର୍ତ୍ତୃପକ୍ଷ ସାର୍ଟିଫିକେଟ ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ସମସ୍ତ ଟ୍ରାନ୍ସଫର ବେସିସ୍‌ରେ ବରଗଡ଼ ପାଇକମାଳସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଏବଂ ଗବେଷଣା ପ୍ରତିଷ୍ଠାନ (ଏସ୍ଏସ୍ଏନ୍ଆର୍ଆଇ)ଠାରୁ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନାମଲେଖା ସୁଯୋଗ ପାଇଥିବା ସୂଚନା ମିଳିଛି। ତେବେ ରାଜ୍ୟ ଆୟୁଷ ନିର୍ଦ୍ଦେଶକଙ୍କ ଚିଠି ନଂ.୪୮୧୩/ଡି-ଆୟୁଷ/୨୭.୦୬.୨୩ ପ୍ରକାରେ ଏସ୍ଏସ୍ଏନ୍ଆର୍ଆଇ କାର୍ଯ୍ୟାଳୟ ଚିଠି ନଂ. ୧୧୮୦/ ୨୮.୦୬.୨୩ ପ୍ରକାରେ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚରେ ଉଲ୍ଲେଖ କରିଥିବା ୫ ଛାତ୍ରୀଛାତ୍ର ସେମାନଙ୍କ (ଏସ୍ଏସ୍ଏନ୍ ଆଣ୍ଡ ଆର୍ଆଇ) କଲେଜର ନୁହଁ ବୋଲି ଆୟୁଷ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ତେବେ ୨୦୧୬ରେ ବିନା ଯୋଗ୍ୟତାରେ ନାମ ଲେଖାଇଥିବା ସଂପୃକ୍ତ ଛାତ୍ରୀ ପାଇକମାଳସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଏବଂ ଗବେଷଣା ପ୍ରତିଷ୍ଠାନରୁ ଟ୍ରାନ୍ସଫର/ମାଇଗ୍ରେସନ ବେସିସରେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ନାମ ଲେଖାଇଥିବା ଆୟୁଷ ନିର୍ଦ୍ଦେଶକଙ୍କଠାରୁ ହସ୍ତଗତ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏସ୍ଏସ୍ଏନ୍ ଆଣ୍ଡ ଆର୍ଆଇ ପୂର୍ବରୁ ଉକ୍ତ ଛାତ୍ରୀ ତାଙ୍କ କଲେଜର ନୁହେଁ ବୋଲି ଆୟୁଷ ନିର୍ଦ୍ଦେଶକଙ୍କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ତତ୍କାଳୀନ ଆୟୁଷ ନିର୍ଦ୍ଦେଶକଙ୍କ ଚିଠି ନଂ. ୯୦୨୯/ ୨୫.୧୧.୨୦୧୭ ଅନୁଯାୟୀ ୨୦୧୬-୧୭ ବ୍ୟାଚ୍‌ରେ ଟ୍ରାନ୍ସଫର/ମାଇଗ୍ରେସନ ବେସିସରେ ନାମ ଲେଖାଇବା ପାଇଁ ୧୮.୧୧.୨୦୧୭ରେ ଆୟୁଷ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୩ ଜଣିଆ କମିଟିକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସୁପାରିସ କ୍ରମେ ବ୍ରହ୍ମପୁର ଓ ପୁରୀରେ ଖାଲିଥିବା ଗୋଟିଏ ଲେଖାଏ ସିଟ୍‌ରେ ଟ୍ରାନ୍ସଫର/ମାଇଗ୍ରେସନ ବେସିସରେ ନାମଲେଖା ପାଇଁ ସୁଯୋଗ ଦିଆଯାଇଥିଲା। ବିନା ଯୋଗ୍ୟତାରେ ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚ୍‌ରେ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ କୌଣସି ତଥ୍ୟ ନ ଥିବା ପୂର୍ବରୁ କଲେଜ ଅଧ୍ୟକ୍ଷ ଚିଠି ନଂ. ୧୭୦୭/୨୦.୦୫.୨୩ରେ ଜଣାଇଛନ୍ତି। ଏଥିସହ ଚିଠି ନଂ ୧୭୦୩/ତାରିଖ ୨୦.୦୫.୨୩ ପ୍ରକାରେ ସଂପୃକ୍ତ ବ୍ୟାଚ ଛାତ୍ରୀଛାତ୍ରଙ୍କ ଏନଇଇଟି ର୍ୟାଙ୍କ/ ଓଜେଇ ଆଲଟ୍‌ମେଣ୍ଟ ନମ୍ବର ଏବଂ କଲେଜ ଲିଭିଙ୍ଗ ସାର୍ଟିଫିକେଟ ଓ ମାଇଗ୍ରେସନ ସାର୍ଟିଫିକେଟ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ନ ଥିବା(ନଟ୍ ଟ୍ରେସେବୁଲ୍) ଦର୍ଶାଯାଇଥିଲା। ୨୦୧୬-୧୭ ବ୍ୟାଚରେ ୨୯ଜଣ ଛାତ୍ରୀଛାତ୍ର ସେମାନଙ୍କ ବର୍ଷକିଆ ହାଉସ ସର୍ଜନ ସାରିଥିବା ଏବଂ ସେମାନଙ୍କୁ ପ୍ରୋଭିଜିନାଲ ସାର୍ଟିଫିକେଟ ପ୍ରଦାନ କରିବାକୁ କଲେଜ ଅଧ୍ୟକ୍ଷ ଚିଠି ନଂ ୩୬୦୪/ତାରିଖ ୦୩.୦୮.୨୦୨୨ ପ୍ରକାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ନିକଟକୁ ପଠାଇଥିବା ଚିଠିରେ ସଂପୃକ୍ତ ଛାତ୍ରୀଙ୍କ ରୋଲ ନମ୍ବର ଏବଂ ରେଜିଷ୍ଟ୍ରେସନ ନମ୍ବର ଉଲ୍ଲେଖ କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ, ୨୦୧୬-୧୭ ବ୍ୟାଚର ସଂପୃକ୍ତ ଛାତ୍ରୀଙ୍କୁ ଉକ୍ତ ୩ଜଣିଆ କମିଟି ନାମଲେଖା ସୁଯୋଗ ଦେଇଥିବା ବେଳେ କଲେଜ କର୍ତ୍ତୃପକ୍ଷଙ୍କ ମିଛ ଏବେ ପଦାରେ ପଡ଼ିଛି। ନିକଟରେ ଧରିତ୍ରୀରେ ପ୍ରକାଶିତ ଖବର ଉପରେ ପୁରୀ ଯୁବ କଂଗ୍ରେସ ପକ୍ଷରୁ ଉଦ୍‌ବେଗ ପ୍ରକାଶ ସହ ତଦନ୍ତ ଲାଗି ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଉକ୍ତ ଘଟଣା ସମ୍ପର୍କରେ ଗତ ମେ ୨ ଓ ୧୯ ତାରିଖରେ ରାଜ୍ୟ ଆୟୁଷ ନିର୍ଦ୍ଦେଶକ ଏବଂ ୧୪.୦୫.୨୩ରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିକଟରେ ତଥ୍ୟ ପ୍ରମାଣ ସହିତ ଲିଖିତ ଅଭିଯୋଗ ସତ୍ତ୍ୱେ ନୀରବତାକୁ ନେଇ ସ୍ୱଚ୍ଛତା ଉପରେ ଅଙ୍ଗୁଳି ଉଠିଛି।

## ଟ୍ରେନ୍‌ରେ କଟି ମେକାନିକ୍‌ଙ୍କ ମୃତ୍ୟୁ

ପୁରୀ, ୮।୯(ଅଜିତ ମହାନ୍ତି): ପୁରୀ ରେଳଷ୍ଟେଶନ ନିକଟ ଟ୍ରାକରେ ଶୁକ୍ରବାର ଜଣେ ମେକାନିକ୍ ଟ୍ରେନ୍‌ରେ କଟି ମୃତ୍ୟୁବରଣ କରିଛନ୍ତି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଘୋଡ଼ାବଜାର ଷ୍ଟେଶନ୍ ରୋଡର ଅମିତ୍ ନାୟକ (୪୧)। ସେ ରେଳବିଭାଗରେ ଏସି ମେକାନିକ୍ ଭାବେ କାର୍ଯ୍ୟ କରୁଥିବା ରେଲୱେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୂଚନା ଅନୁଯାୟୀ, ଜଣେ ଲୋକୋ ପାଇଲଟ୍ ପ୍ଲାଟଫର୍ମ ନମ୍ବର ୩ରେ ଆସୁଥିବାବେଳେ ରୁଟ ନମ୍ବର ୬ରେ କେତେଜଣ ବ୍ୟକ୍ତି ଗହଳି କରି କିଛି ଦେଖୁଥିବା ସେ ଦେଖିବାକୁ ପାଇଥିଲେ। ସେ ସେଠାକୁ ଯାଇ ଜଣେ ବ୍ୟକ୍ତି ଟ୍ରେନ୍‌ରେ କଟି ପ୍ରାଣ ହରାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ରେଲୱେ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଆର୍‌ପିଏଫ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

**ସଂକ୍ଷେପରେ**

## ସଚେତନତା ଶୋଭାଯାତ୍ରା

ପୁରୀ,୮।୯(ଅଜିତ୍ ମହାନ୍ତି) ବିଶ୍ୱ ଫିଜିଓଥେରାପି ଦିବସ ଅବସରରେ ଶୁକ୍ରବାର ୭ ସ୍ପୋକ୍‌ସ ଭର୍ଡିଓର ଫାଉଣ୍ଡେଶନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଗୁଣ୍ଡିଚା ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରି ବଳଗଣ୍ଡି ଛକ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ମହାପାତ୍ର ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଉତ୍କଳ ଫିଜିଓଥେରାପି ଶାଖାର ଅଧ୍ୟକ୍ଷ ତଥା ବରିଷ୍ଠ ଫିଜିଓଥେରାପିଷ୍ଟ ଡା. ସିଦ୍ଧାର୍ଥ ଶେଖର ପାତ୍ର ଆଜିର ଜୀବନ ଶୈଳୀରେ ଫିଜିଓଥେରାପିର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ଅପର୍ଣ୍ଣା ମହାନ୍ତି, ଡ. ଆକାଶ ବେହେରା, ଚିରଞ୍ଜନ ମହାନ୍ତି ଏବଂ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ଜଗନ୍ନାଥ ଜି.ଏନ୍.ଏମ୍. ସ୍କୁଲର ଛାତ୍ରୀମାନେ ଉପସ୍ଥିତ ଥିଲେ।



ବିଶ୍ୱ ଫିଜିଓଥେରାପି ଦିବସରେ ଶୁକ୍ରବାର ପୁରୀଠାରେ ୭ ସ୍ପୋକ୍‌ସ ଭର୍ଡିଓର ଫାଉଣ୍ଡେଶନ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

କାକଟପୁର,୮।୯(ଶୁଭଦର୍ଶନ ମିଶ୍ର): କାକଟପୁର ଥାନା ଅଧୀନ ମଲାମାଛ ଛକ ନିକଟରୁ ଶୁକ୍ରବାର ପୋଲିସ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦନ କୁମାର ସେନାପତି। ତାଙ୍କ ନିକଟରୁ ୧୦ଗ୍ରାମ ୪ଶହ ମିଲିଗ୍ରାମ ବ୍ରାଉନସୁଗାର, ବାଇକ୍, ମୋବାଇଲ ଫୋନ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା (ନଂ.୧୮୧/୨୩) ରୁଜୁ ହୋଇଛି। ଥାନା ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏସ୍ଆଇ ପ୍ରିୟା ପ୍ରଧାନ, କନ୍‌ଷ୍ଟେବଲ ବବରୁବାହନ ମହାନ୍ତି, ହୃଦାନନ୍ଦ ମିଶ୍ର ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ଚାଇଲ୍ଡ ହେଲ୍ପଲାଇନ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

ପୁରୀ, ୮।୯(ଅଜିତ୍ ମହାନ୍ତି) ଚଳିତ ମାସ ୧ତାରିଖଠାରୁ ପୁରୀ ଜିଲା ପ୍ରଶାସନ ଅଧୀନକୁ ଚାଇଲ୍ଡ ହେଲ୍ପ ଲାଇନ ଆସିବା ପରେ ଗୁରୁବାର ଜିଲାସ୍ତରୀୟ ପଦାଧିକାରୀଙ୍କୁ ନେଇ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚାଇଲ୍ଡ ଲାଇନର ପୂର୍ବତନ ନିର୍ଦ୍ଦେଶକ ଦେବାଶିଷ ରଥ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ବର୍ତ୍ତମାନର ମାନବ ସମ୍ବଳ ସ୍ଥିତି ଓ କାର୍ଯ୍ୟ କରିବାର ଯୋଜନା ବିଷୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମା ଆସିବା ପର୍ଯ୍ୟନ୍ତ ଶିଶୁଙ୍କ ସ୍ୱାର୍ଥ ଏବଂ ଅଧିକାର ସୁରକ୍ଷା ନିମନ୍ତେ ସବୁ ବିଭାଗର ସହଯୋଗ ତଥା ସମନ୍ୱୟରେ ଉଦ୍ଧାର ଓ ଥଇଥାନ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ଉଦ୍ଧାର କାର୍ଯ୍ୟରେ ପୋଲିସ ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିବ। ପୁରୀ ମ୍ୟୁନିସିପାଲିଟି, ରେଲୱେ ଜିଆର୍‌ପି, ଆର୍‌ପିଏଫ୍, ଓପନ ଶେଲ୍‌ଟର, ଉତ୍କଳ ବାଳାଶ୍ରମ କର୍ମକର୍ତ୍ତାଙ୍କ ସହଯୋଗ କ୍ରମେ ଉଦ୍ଧାର କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଛି। ଆବଶ୍ୟକ ସ୍ଥଳେ ଭିଡିଓ କଲ ମାଧ୍ୟମରେ ଶିଶୁଙ୍କ ଉପସ୍ଥାପନ କରାଯାଇପାରିବ ବୋଲି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର କହିଥିଲେ। ବୈଠକରେ ବିରଜା ଶଙ୍କର ରଥ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁବ୍ରତ ଚୌଧୁରୀ, ଜିଲା ଶ୍ରମ ଅଧିକାରୀ ତିଳୋତ୍ତମା ରାଉତ, ଉପଆରକ୍ଷୀ ଅଧୀକ୍ଷକ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ ଧନ୍ୟବାଦ ଦେଇଥିଲେ।

## ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସାକ୍ଷୀଗୋପାଳ,୮।୯(ଭରତ ରାଉତ) ସତ୍ୟବାଦୀ ବ୍ଲକ କଳାସଂସ୍କୃତି ସଂଘ ପକ୍ଷରୁ ପେଣ୍ଠପଡା ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଦୁଇଦିନିଆ ସଂସାଧନ ସଭ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରର ପ୍ରଥମ ଦିବସରେ ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ଲକର ଲୋକକଳାକାରମାନେ ଶୁକ୍ରବାର ନିଜ ନିଜ ଲୋକକଳା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା କିପରି ପ୍ରଦାନ କରିବେ ତାହା ପ୍ରଦର୍ଶନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଉପସ୍ଥିତ ଥିଲେ। ସତ୍ୟବାଦୀ ବ୍ଲକ ସାମାଜିକ ଉନ୍ନୟନ ଅଧିକାରୀ ମୋନିକା ଦାସ, କନିଷ୍ଠ ସହାୟିକା ଶ୍ରୀଲକ୍ଷ୍ମୀ ବେହେରା, ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ରମେଶ ଚନ୍ଦ୍ର ପଲେଇ, ସଂସାଧନ ସଭ୍ୟ ପ୍ରଶିକ୍ଷକ ଗାୟକ ବିଜୟ ପଟ୍ଟନାୟକ, ବିଶ୍ୱନାଥ ବିଶ୍ୱାଳ, ପ୍ରତାପ କୁମାର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାକୃତିକ ଚିକିତ୍ସା ଶିବିର

ପୁରୀ, ୮।୯(ଅଜିତ୍ ମହାନ୍ତି) କଳିଙ୍ଗ ବୈଶ୍ୟ ସଂଘ ଆନୁକୂଲ୍ୟରେ ସୁରକ୍ଷା ପ୍ରାକୃତିକ ଚିକିତ୍ସା କେନ୍ଦ୍ର ପକ୍ଷରୁ ତିନିଦିନିଆ ମାଗଣା ପ୍ରାକୃତିକ ଚିକିତ୍ସା ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ 'ଓଡ଼ିଶା ମୋ ପରିବାର ତଥା ଜୀବନ ବିନ୍ଦୁ'ର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟାପକ ଦେବ ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କଳିଙ୍ଗ ବୈଶ୍ୟ ସଂଘର ସଭାପତି ଶିବନାରାୟଣ ସେନାପତି, ସମ୍ପାଦକ ଜୟଦେବ ନାୟକ, କୋଷାଧ୍ୟକ୍ଷ ସରୋଜ କୁମାର ପାତ୍ର, ସୁରକ୍ଷା ଅନୁଷ୍ଠାନର ମୁଖ୍ୟ ରାଧେଶ୍ୟାମ ରଥ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନର ଚିକିତ୍ସା ଶିବିରରେ ୧୩୦ ରୋଗୀଙ୍କୁ ମାଗଣା ସେବା ଯୋଗାଇ ଦିଆଯାଇଛି। ସଙ୍ଗଠନର ସଦସ୍ୟ ଶ୍ୟାମସୁନ୍ଦର ମହାପାତ୍ର, ତିରୁପତି ସୁବୁଦ୍ଧି, ଚିତ୍ତରଞ୍ଜନ ପାତ୍ର, ବିଜୟ ଚୌଧୁରୀ, ଜଗନ୍ନାଥ ପାତ୍ର, ବଦ୍ରିନାଥ ପାତ୍ର, ହରିହର ସେନାପତି ଏବଂ ନାରାୟଣ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବ ବୋଲି ସଂଗଠନର ସମ୍ପାଦକ ଜୟଦେବ ନାୟକ ସୂଚନା ଦେଇଛନ୍ତି।


ନନ୍ଦ ଉତ୍ସବ ଅବସରରେ କଣାସଠାରେ ବିଭିନ୍ନ ବେଶରେ ସଜ୍ଜିତ ପିଲାମାନେ ।

## କୋଣାର୍କ ଭଗବତୀ ମହାବିଦ୍ୟାଳୟ ୫ଜି କ୍ୟାମ୍ପସ ଘୋଷିତ


ରିଲାଏନ୍ସ ଜିଓ ପକ୍ଷରୁ ୫ଜି କ୍ୟାମ୍ପସ ମାନ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

କୋଣାର୍କ,୮।୯(ଜ୍ୟୋତିରାଜ ମହାନ୍ତି): ପୁରୀ ଜିଲାର କୋଣାର୍କ ଭଗବତୀ ମହାବିଦ୍ୟାଳୟକୁ ରିଲାଏନ୍ସ ଜିଓ ଦ୍ୱାରା ୫ଜି କ୍ୟାମ୍ପସ ମାନ୍ୟତା ମିଳିଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅବତାର ମିଶ୍ର, ଅଧ୍ୟାପକ ଅରବିନ୍ଦ ସାହୁ, ଜିଓ ଭୁବନେଶ୍ୱର ଫାଇନାନ୍ସ ମୁଖ୍ୟ ପ୍ରଶାନ୍ତ ସାହୁ, ରାଜ୍ୟ କନେକ୍ଟିଭିଟି ଲିଡ୍ ସିଦ୍ଧାର୍ଥ ଭୋଳ, ପୁରୀ ସେଣ୍ଟର ପ୍ରବନ୍ଧକ ଅମିତ ପଟ୍ଟନାୟକ, ମାର୍କେଟିଂ ମୁଖ୍ୟ କିଶୋର ପାତ୍ର, ଶ୍ରୀନିବାସ ରାଓ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ୫ଜି ସେବାର ସୁବିଧା ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଜିଓ ନେଟ୍‌ୱର୍କ ମାଧ୍ୟମରେ ଛାତ୍ରୀଛାତ୍ରମାନେ ତଥ୍ୟ ଆଦାନପ୍ରଦାନ ନେଇ ବେଶ ଉପକୃତ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଜିଲାର ଅନ୍ୟ କଲେଜଗୁଡ଼ିକରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ଜିଓ ମାର୍କେଟିଂ ମୁଖ୍ୟ ମତବ୍ୟକ୍ତ କରିଥିଲେ। ୫ଜି ସୁବିଧା କାର୍ଯ୍ୟକାରୀ ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

## ପବିତ୍ର ସ୍ଥାନରୁ ସଂଗ୍ରହ ହେଲା ମାଟି

**'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ**

ପୁରୀ, ୮।୯(ଅଜିତ ମହାନ୍ତି): 'ମୋ ମାଟି-ମୋ ଦେଶ' ଯାତ୍ରାର ପଞ୍ଚମ ଦିନରେ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ସମସ୍ତ ପଞ୍ଚାୟତରୁ ମାଟି ସଂଗ୍ରହ କରାଯାଇଛି। ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ସମେତ ବରିଷ୍ଠ ନେତାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଲସଂଖରୁ ଯାତ୍ରା ଆରମ୍ଭ ହୋଇ ଗଡଭେଙ୍ଗୁର, ରାୟଗରଡ, ବାଲିପୁଟ, ଗଡମୃଗଶିର ପର୍ଯ୍ୟନ୍ତ ଯାଇଥିଲା। ସମସ୍ତ ମନ୍ଦିର ଓ ପବିତ୍ର ସ୍ଥାନରୁ ମାଟି ସଂଗ୍ରହ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ଶହୀଦ ପୀଠଗୁଡ଼ିକରୁ ମୋ ମାଟି ମୋ ଦେଶ ଅଭିଯାନ ଅନ୍ତର୍ଗତ ମାଟି ସଂଗ୍ରହ କରାଯାଉଛି। ଦେଶର ପ୍ରାୟ ୭୫୦୦ ସ୍ଥାନରୁ କଳସରେ ଶହୀଦ ଭୂମିର ମାଟି ଯାଇ ଦିଲ୍ଲୀରେ ଅମୃତ ବାଟିକା ସ୍ଥାପନ କରାଯିବ। ତେବେ କାର୍ଯ୍ୟକ୍ରମରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଧାୟକ ଷଡ଼ଙ୍ଗୀ ମୃଦଙ୍ଗ ବଜାଉଥିବା ବେଳେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ପାତ୍ର ହରିନାମ ବୋଲି ସଂକୀର୍ତ୍ତନ କରିଥିଲେ।

# ନୂତନ ପେନ୍‌ସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଧାରଣା

ପୁରୀ,(ଅଜିତ୍ ମହାନ୍ତି/ ନିମାପଡ଼ା, (ବିଚିତ୍ରାନନ୍ଦ ସାହୁ/ ସାକ୍ଷୀଗୋପାଳ, (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର/ ଭରତ ରାଉତ)/ ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)/ କାକଟପୁର,(ଶୁଭଦର୍ଶନ ମିଶ୍ର)/ କଣାସ,(ବିଭୁତି ଭୂଷଣ ତ୍ରିପାଠୀ) ୮।୯

ପୁରୀ ସଦର ନୂତନ ପେନ୍‌ସନ୍‌ଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ସଦର ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ପ୍ରାଥମିକ ଶିକ୍ଷାରେ ଠିକା ନିଯୁକ୍ତି ଉଚ୍ଛେଦ, ୬ବର୍ଷ ଠିକା ପିରିୟଡକୁ ମୂଳ ଚାକିରିରେ ଗଣନା କରିବା, କେନ୍ଦ୍ରୀୟ ହାରରେ ପ୍ରାଥମିକ ଶିକ୍ଷକଙ୍କୁ ଦରମା ଦେବା, ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସରକାରଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ସରକାର ତୁରନ୍ତ ଦାବି ପୂରଣ ନ କଲେ ସମସ୍ତ ନୂତନ ପେନ୍‌ସନ୍ ଭୁକ୍ତ ଶିକ୍ଷକ ସମୂହ ଛୁଟିରେ ଯିବେ ଏବଂ ସାରା ଓଡ଼ିଶାରେ ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ଚେତାବନୀ ଦିଆଯାଇଛି। ଧାରଣାରେ ସଂଘର ସଭାପତି ପ୍ରଭାତ ରଞ୍ଜନ ପୃଷ୍ଟି, ଉପସଭାପତି ମନସ୍ୱିନୀ ମିଶ୍ର, ସମ୍ପାଦକ ଉମାକାନ୍ତ ମହାପାତ୍ର, ସହସମ୍ପାଦକ ମହେଶ୍ୱର ବେହେରା ଏବଂ ଶୁଭ୍ରାଜିତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନର ଆହ୍ୱାନକ୍ରମେ ଶୁକ୍ରବାର ୩ଦଫା ଦାବିରେ ନିମାପଡ଼ା ବ୍ଲକର ୬ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଲେଭୁଲ ୯ ହାରରେ ଗ୍ରେଡ ପେ ୪୨୦୦ଟଙ୍କା ପ୍ରଦାନ, ନୂତନ ପେନସନ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନସନ ପୁନଃ ପ୍ରଚଳନ କରାଯିବା ଆଦି ଦାବି ରହିଛି। ନିମାପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ୟୁନିୟନର ସଭାପତି ଶ୍ରୀମନ୍ତ ଶେଖର ରଥ, ଉପସଭାପତି ତିଳୋତ୍ତମା ଦାଶ, ସମ୍ପାଦକ କଲ୍ୟାଣ କୁମାର ସ୍ୱାଇଁ, ଗଙ୍ଗାଧର ପତି, ପ୍ରତାପ ଚନ୍ଦ୍ର ସାବ୍ରତ, ବିନୋଦ ବିହାରୀ ମହାନ୍ତି, ସୁକାନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଶିକ୍ଷକନେତାମାନେ କହିଛନ୍ତି।

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼ରେସନ ଆହ୍ୱାନକ୍ରମେ ସତ୍ୟବାଦୀ ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକମାନେ ୩ ଦଫା ଦାବିରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏହି ଧାରଣାରେ ୩ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ବ୍ଲକର ପ୍ରାଥମିକ ୟୁନିୟନ ସଂଘ ସଭାପତି ପ୍ରହ୍ଲାଦ ଦାଶ ଓ ସମ୍ପାଦକ ବିଜୟ କିଶୋର ନନ୍ଦଙ୍କ ତତ୍ତ୍ୱାବଧାନରେ ଏହି ଧାରଣା ହୋଇଥିଲା। ଜିଲା ସଭାପତି ସୋମନାଥ ନନ୍ଦ, ମୃତ୍ୟୁଞ୍ଜୟ ମହାପାତ୍ର, ଅଜୟ ପ୍ରଧାନ, ସୁମନ୍ତ ପାଲ, ସୁନିଲ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

ଡେଲାଙ୍ଗ ବ୍ଲକ ରେଞ୍ଜ ସ୍ଥିତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ଦଫା ଦାବିରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ଶିକ୍ଷକ ସଂଘର ବ୍ଲକ ସଭାପତି ଦିଗମ୍ବର ରଥ, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଦୟାନିଧି ମାର୍ଥା, ରଶ୍ମିରଞ୍ଜନ ବଡଜେନା, ପବିତ୍ରମୋହନ ଜେନା, ଅଭିମନ୍ୟୁ ପ୍ରଧାନ, କ୍ଷେତ୍ରବାସୀ ଆଲୁକ, ରମାକାନ୍ତ ବେହେରା, ସବିତା ସାହୁ, ସୁଲୋଚନା କୁଣ୍ଡୁ, ସୁଚିତ୍ରା ପରିଡା, ଅଭିମନ୍ୟୁ ସିଂହ, ବଜୟ କୁମାର ନାୟକଙ୍କ ସମେତ ଶତାଧିକ ଶିକ୍ଷୟତ୍ରୀଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଥିଲେ।

କାକଟପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ଦଫା ଦାବିରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଏହି ଧାରଣାରେ ବ୍ଲକର ସମସ୍ତ ବର୍ଗର ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦେଇଥିଲେ। ମୁନିର ଅହମ୍ମଦ ଖାଁ, ବିଷ୍ଣୁ ୟଚରଣ ମହାନ୍ତି, ହୃଦାନନ୍ଦ ସାସମଲ, ରକ୍ଷକ କୁମାର ସ୍ୱାଇଁ, ତ୍ରିଲୋଚନ ବିଶ୍ୱାଳ, ବିଶ୍ୱଜିତ ସ୍ୱାଇଁ, ଅଭୟ ନାୟକ, ସୁନିଲ ମହାନ୍ତି, ଆଦିତ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଗୋପ,୮।୯(ଭାରତୀ ଭୂଷଣ ଉପାଧ୍ୟାୟ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଆହ୍ୱାନକ୍ରମେ ୩ ଦଫା ଦାବିରେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ୪ ଶହ ଶିକ୍ଷକ ଶୁକ୍ରବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଶିବଦତ୍ତ ନାୟକ, ଉପସଭାପତି ପବିତ୍ର ମୋହନ ନାୟକ, ସାଧାରଣ ସମ୍ପାଦକ ସରୋଜ ମିଶ୍ର, ରବୀନ୍ଦ୍ର ନାଥ ବାହିନୀପତିଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ।

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନର ଆହ୍ୱାନକ୍ରମେ ୩ ଦଫା ଦାବିରେ କଣାସ ବ୍ଲକର ପ୍ରାଥମିକ ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଗଠନ କଣାସ ଶାଖାର ସଭାପତି ପ୍ରତାପ କେଶରୀ ରାୟ, ସମ୍ପାଦକ ପ୍ରହ୍ଲାଦ ମାନସିଂହ, ପ୍ରତାପ କେଶରୀ ଛୋଟରାୟ, ସୁଶାନ୍ତ କୁମାର ନରେନ୍ଦ୍ର, ଲମ୍ବୋଦର ବେହେରା, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓଡିଶାର ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ।



ପୁରୀ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନ୍‌ସନ୍ ଯୋଜନାଭୁକ୍ତ)ପକ୍ଷରୁ ଧାରଣା ।



ନିମାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୯ ସେପ୍ଟେମ୍ବର, ୨୦୨୩



## ଗୁଲ୍‌ସନ୍-ଇ-ହବିବ୍ ମଦ୍ରାସା ଗୃହ ଉଦ୍‌ଘାଟିତ

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ): ଦରଘାବଜାରସ୍ଥିତ ଗୁଲସନ-ଇ-ହବିବ ମଦ୍ରାସା ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଇଂ. ମହମ୍ମଦ ମୋକିମ ଏହାକୁ ଉଦ୍‌ଘାଟନ କରିଥିଲେ। ଦରଘାବଜାର ଅଞ୍ଚଳର ଛୋଟ ପିଲାମାନେ ପାଠପଢ଼ା ପାଇଁ ବହୁ ଅସୁବିଧା ସମ୍ମୁଖୀନ ହେଉଥିଲେ। ଏଥିପାଇଁ ସୁବିଧା କରିବାକୁ ସାହି ମୁରବି ଓ ଯୁବକମାନେ ଦାବି କରିଆସୁଥିଲେ। ମଦ୍ରାସାର ପୁନରୁଦ୍ଧାର କାର୍ଯ୍ୟ ପାଇଁ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ପୂର୍ବତନ କର୍ପୋରେଟର ସେକ୍ ସମ୍ମିମଉଲ୍ଲା, ଶୟଦ ହାଫିଜ ସଦାରୁଦ୍ଦିନ, ଉସ୍ମାନ ଖାନ୍, ମିର୍ଜା ଇମାମ ବେଗ୍, ମିର୍ଜା ମୁସ୍ତାକ ବେଗ୍, ହାଜି ସଜାଦ ଖାନ୍, ସେକ୍ ମୁନା, ସେକ୍ ସିକୋ, ସେକ୍ ବାବୁ, ହାଜି ବାବୁ ଖାନ୍‌ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ସମସ୍ୟା ସମାଧାନ ପାଇଁ ବିଡିଓଙ୍କୁ ଦାବିପତ୍ର

କଟକ ସଦର,୮।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ରାମଚନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ ଜିଲା କଂଗ୍ରେସର କର୍ମକର୍ତ୍ତା ଓ ବିଭିନ୍ନ ପଞ୍ଚାୟତର ସଭାପତି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ବିଶେଷକରି କଟକ ସଦର ଅଞ୍ଚଳର ବିଭିନ୍ନ ରାସ୍ତାଘାଟ, ପାଣି, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଡିଓ ସମସ୍ତ ସମସ୍ୟାକୁ ଅନୁଧ୍ୟାନ କରିବା ସହିତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାବେଳେ ଏହି ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ କଂଗ୍ରେସ ନେତା ଦୁର୍ଗାଶଙ୍କର ଦାଶ, ଜିଲା କଂଗ୍ରେସର ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, ଅଜୟ କୁମାର ମଲ୍ଲିକ, ବେବିନା ସାହୁ, ରସିଦ୍ ଅଲ୍ଲୀ ଖାଁ, ନାଜ୍‌ମିର୍ ହୁସେନ୍ ଖାଁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଖୁଣ୍ଟୁଣୀ, ୮।୯(ସଚ୍ଚିଦାନନ୍ଦ ପଣ୍ଡା)

ରାଧାକୃଷ୍ଣପୁର ପଞ୍ଚାୟତ ଅଧୀନ ରାହାଙ୍ଗୋଳ ଆଶ୍ରମ ସ୍କୁଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦିଲ୍ଲୀପ ଦାସଙ୍କ ତତ୍ତ୍ୱାବଧାନରେ ମେଡିକାଲ ଟିମ୍ ସ୍କୁଲରେ ପହଞ୍ଚି ୨୬୦ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପଞ୍ଚାୟତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ପ୍ରୀତି ଅନ୍ତେ ଡଙ୍ଗଡଙ୍ଗ, ପୂର୍ଣ୍ଣିମା ପ୍ରଧାନ, ପ୍ରିୟଦର୍ଶିନୀ ସାହୁ, ସୁପରଭାଇଜର ରମାକାନ୍ତ ସିହ୍ନା ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ କବିତାରାଣୀ ଦାସ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ରାତିରେ ମଶାରି ବାନ୍ଧି ଶୋଇବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ରାଉତ, ଶିକ୍ଷକ ରୁପକ ରଞ୍ଜନ ମହାନ୍ତି, ଜ୍ୟୋସ୍ନାମୟୀ ମଲ୍ଲିକ ଓ ଚନ୍ଦ୍ରମଣି ଶବର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଷ୍ଟାଲିନ, ରାଜାଙ୍କ ବିବାଦୀୟ ମନ୍ତବ୍ୟକୁ ନିନ୍ଦା

କଟକ,୮।୯ (କାର୍ତ୍ତିକ ସାହୁ)

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ତଥା କ୍ରୀଡାମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଏବଂ ଡିଏମ୍‌କେ ନେତା ଏ. ରାଜାଙ୍କ ସନାତନ ଧର୍ମ ବିରୋଧୀ ମନ୍ତବ୍ୟକୁ ବିଶ୍ୱ ସତ୍ୟ-ସନାତନ-ଧର୍ମ ପ୍ରଚାରିଣୀ ମହାସଂଘ କଳକୀ ସେନା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସେନାର ସାଧୁ ସଦ୍‌ଗୁରୁ କଳକୀବାବା ଏଭଳି ମନ୍ତବ୍ୟରେ କେହି ବିବ୍ରତ ନ ହେବାକୁ ପରାମର୍ଶ ଦେଇଛନ୍ତି। ମାଳିକା ଗବେଷକ ଡ. ଜ୍ଞାନଗୁରୁ ଦାସ, ସେନାର କେନ୍ଦ୍ର ପ୍ରଚାର କମିଟି ସଭାପତି ଏସ୍. ପିନାକୀ, ସଂଯୋଜକ ପ୍ରସନ୍ନ କୁମାର ମହାପାତ୍ର, ଜିଲା ସଭାପତି ସୁବାସ ଚନ୍ଦ୍ର ବରାଳ, ମହାନଗର ସଭାପତି ଲକ୍ଷ୍ମୀଧର ଦାସ, ଆବାହକ ମହେନ୍ଦ୍ର କୁମାର ମହାପାତ୍ର, ପଣ୍ଡିତ ନିରାକାର ପଣ୍ଡା, ଶ୍ରମିକନେତା ବାବାଜୀ ବେହେରା ପ୍ରମୁଖ ଷ୍ଟାଲିନ ଏବଂ ରାଜା ସର୍ବସାଧାରଣରେ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। ନଚେତ ସେନା ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ‘ସଚେତନ କରାଇପାରିଲେ ଉପକୃତ ହେବେ ହିତାଧିକାରୀ’

କଟକ,୮।୯ (କାର୍ତ୍ତିକ ସାହୁ)



ଜିଲା ପରିଷଦ-୨ ସ୍ଥାୟୀ କମିଟିର ଦ୍ୱିତୀୟ ବୈଠକରେ ଅଧିକାରୀଙ୍କ ସହ ଅନ୍ୟମାନେ।

**ଜିଲା ପରିଷଦ-୨ ସ୍ଥାୟୀ କମିଟିର ଦ୍ୱିତୀୟ ବୈଠକ**

ସରକାରୀ ଯୋଜନାଗୁଡ଼ିକ ସମ୍ବନ୍ଧରେ ହିତାଧିକାରୀମାନଙ୍କୁ ଠିକ୍ ଭାବେ ସଚେତନ କରାଇପାରିଲେ ସେମାନେ ଉପକୃତ ହେବେ। ପ୍ରଶାସନିକ ସ୍ତରରେ ହାତକୁ ନିଆଯାଇଥିବା ବିଭିନ୍ନ ଯୋଜନାକୁ ପ୍ରଶାସନ ଓ ଜନପ୍ରତିନିଧିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟକାରୀ କରିବାକୁ କଟକ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି। ଜିଲା ପରିଷଦ ପୁରୁଣା ସମ୍ମିଳନୀ କକ୍ଷରେ ଜିଲା ପରିଷଦ-୨ ସ୍ଥାୟୀ କମିଟିର ଦ୍ୱିତୀୟ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ସଫଳତାର ସହ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉପରେ ମିଶ୍ର ଗୁରୁତ୍ୱାରୋପ କରିଛନ୍ତି।

ସ୍ଥାୟୀ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଜିଲାର ୧୪ଟି ବ୍ଲକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ନିମନ୍ତେ ନିଆଯାଉଥିବା ପଦକ୍ଷେପ ଓ ଗତବର୍ଷରେ ସରକାରୀ ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୨୩-୨୪ ବର୍ଷ ପାଇଁ ଜିଲାର କୃଷି, ଯାନ୍ତ୍ରିକ କୃଷି, ଆତ୍ମା/ ଉଦ୍ୟାନ କୃଷି କାର୍ଯ୍ୟକ୍ରମର ଲକ୍ଷ୍ୟ ତଥା କାର୍ଯ୍ୟକାରିତା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାର ମତ୍ସ୍ୟ, ପ୍ରାଣୀ ସମ୍ପଦ, ଜଳ ବିଭାଜିକା, ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଜିଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ସମୀକ୍ଷା କରାଯାଇଥିଲା। ଏହି ସବୁ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଏବଂ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ବ୍ଲକସ୍ତରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମିଶନ ଶକ୍ତି ସଦସ୍ୟାମାନଙ୍କୁ ସାମିଲ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରାଣୀ ସହାୟକ ସେବା ଯୋଜନାରେ ମୁଖ୍ୟମନ୍ତ୍ରୀ କଟକ ଜିଲାର ବିଭିନ୍ନ ବ୍ଲକକୁ ମୋବାଇଲ୍ ଭେଟେରିନାରି ଗାଡ଼ି ପ୍ରଦାନ କରିଥିବାରୁ କଟକ ଜିଲା ପରିଷଦ ସ୍ଥାୟୀ କମିଟି ଅଧ୍ୟକ୍ଷ ସାହୁ କୃତଜ୍ଞତା ଜଣାଇଛନ୍ତି। ଜିଲା ପରିଷଦ ଉପ ସଭାପତି ସୁଭଦ୍ରା ଦାସ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ମିଶନ ଶକ୍ତି ଜିଲା ସଂଯୋଜିକା ସ୍ୱାଗତିକା ପରିଡ଼ା, ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଳି, ଜିଲା ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥଙ୍କ ସମେତ ବିଭିନ୍ନ ବ୍ଲକର ବିଭାଗୀୟ ଅଧିକାରୀ ଓ ଜିଲା ପରିଷଦ-୨ ସ୍ଥାୟୀ କମିଟିର ସଭ୍ୟାସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୃଥିବୀର ୫ ଦୃଷ୍ଟିହୀନଙ୍କ ମଧ୍ୟରେ ଜଣେ ଭାରତୀୟ

କଟକ,୮।୯ (କାର୍ତ୍ତିକ ସାହୁ)

**ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ**

ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ ଅବସରରେ ଜୀବନ ଦାନ ଅଭିଯାନ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସିହ୍ନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଜୀବନ ଦାନ ଅଭିଯାନର ସମ୍ପାଦକ ଦେବେନ୍ଦ୍ର ସୂତାର ଯୋଗଦେଇ କହିଥିଲେ, ପୃଥିବୀରେ ପାଞ୍ଚଜଣ ଦୃଷ୍ଟିହୀନଙ୍କ ଭିତରେ ଜଣେ ହେଉଛନ୍ତି ଭାରତୀୟ। ପ୍ରାୟ ୩୦ଟି କାରଣ ଯୋଗୁ ଜଣେ ଦୃଷ୍ଟିହୀନ ହୋଇଥାଏ। ଭାରତରେ କର୍ଣ୍ଣିଆ ଜନିତ ଦୃଷ୍ଟିହୀନଙ୍କ ସଂଖ୍ୟା ପ୍ରାୟ ୩୫ ଲକ୍ଷ। ମୃତ୍ୟୁ ପରେ ଆମେ ଚକ୍ଷୁ ଦାନ କଲେ କର୍ଣ୍ଣିଆ ଜନିତ ଦୃଷ୍ଟିହୀନ ବ୍ୟକ୍ତି ଏ ଦୁନିଆକୁ ଦେଖିବାର ସୁଯୋଗ ପାଇପାରିବେ। ଚକ୍ଷୁ ଦାନ କ୍ଷେତ୍ରରେ ବୟସ, ଆଖିର ପରଳ, ମାଇକ୍ରୋସର୍ଜରୀ ଆଦି କୌଣସି ପ୍ରତିବନ୍ଧକ ନାହିଁ। କେବଳ କର୍ଣ୍ଣିଆ ସୁସ୍ଥ ରହିଥିବା ଆବଶ୍ୟକ। ଭାରତରେ ବର୍ଷକୁ ୪୫,୦୦୦ କର୍ଣ୍ଣିଆ ସଂଗ୍ରହ ହେଉଥିବାବେଳେ ଆମ ରାଜ୍ୟରେ ଏହା ନୈରାଶ୍ୟଜନକ। ମାତ୍ର ୧୦୦ଟି କର୍ଣ୍ଣିଆ ସଂଗ୍ରହ ହେଉଛି। ଡ. ହେମନ୍ତ କୁମାର ପରିଡ଼ା, ଅଶୋକ କୁମାର ତା, ଶ୍ୟାମ ସୁନ୍ଦର ମହାନ୍ତି, ଭିକାରୀ ଚରଣ ଦାଶ, ଲମ୍ବୋଦର ମହାରଣା, ଡ. ସମୀର ରଞ୍ଜନ, ଶ୍ରୀଧର ମହାରଣା, ରମେଶ ଚନ୍ଦ୍ର ସାହୁ, ଅରୁଣ କୁମାର ତରାଇ, ଦୁର୍ଗା ପ୍ରସାଦ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୁଞ୍ଜ ବିହାରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## କ୍ଷତିପୂରଣ ରାଶି ବୃଦ୍ଧି କରାଯାଉ

କଟକ ସଦର,୮।୯(ସୁଶାନ୍ତ କୁମାର ଜେନା)

୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କନ୍ଦରପୁର ବଜାରକୁ ଉଚ୍ଛେଦ ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଫଳରେ ବିସ୍ଥାପିତ ହେବାକୁ ଥିବା ଗୃହ ଓ ଜମି ମାଲିକଙ୍କୁ କ୍ଷତିପୂରଣ ରାଶି ମଧ୍ୟ ପ୍ରଦାନ କରାଯିବ। ମାତ୍ର ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୂଲ୍ୟ ବୃଦ୍ଧି କରି କ୍ଷତିପୂରଣ ରାଶି ଦେବା ପାଇଁ ବଜାର କମିଟି ପକ୍ଷରୁ କଟକ ଭୂ-ଅଧିଗ୍ରହଣ ଅଧିକାରୀ ଶୁଭାଶିଷ ପାଲଟାଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। କନ୍ଦରପୁର ମୌଜାରେ ରାସ୍ତା ପାର୍ଶ୍ୱ ଜମିର ମୂଲ୍ୟ ୪ ଡିସିମିଲକୁ ୩୦ ଲକ୍ଷ ଟଙ୍କାରେ ପହଞ୍ଚିଲାଣି। ମାତ୍ର ସରକାର ଡିସିମିଲ ପିଛା ସର୍ବାଧିକ ଦେଢ଼ ଲକ୍ଷ ଟଙ୍କା ଦେବା ପାଇଁ ସ୍ଥିର କରିଛନ୍ତି। ସେଥିପାଇଁ ଜମି ମାଲିକମାନେ ଅସନ୍ତୁଷ୍ଟ ବୋଲି ଭୂ-ଅଧିଗ୍ରହଣ ଅଧିକାରୀ ପାଲଟାଙ୍କୁ କହିଥିଲେ। ଏନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସବୁକଥା ଜଣାଇବା ପାଇଁ ସମ୍ପୃକ୍ତ ଅଧିକାରୀ କହିଥିବା ବଜାର କମିଟି ସଭ୍ୟ କାଳନ୍ଦୀ ଚରଣ ସ୍ୱାଇଁ ସୂଚନା ଦେଇଛନ୍ତି। ଏହାଛଡା ବ୍ୟବସାୟୀ ଓ ଗୃହ ମାଲିକମାନେ ଆବଶ୍ୟକ କାଗଜପତ୍ର ଭୂ-ଅଧିଗ୍ରହଣ କାର୍ଯ୍ୟାଳୟରେ ଦାଖଲ କରିଥିଲେ।

# ସିଏନ୍‌ବିଟି ସ୍ଥିତି ଅନୁଧ୍ୟାନ କଲେ ମେୟର, କମିଶନର



ସିଏନ୍‌ବିଟି ପରିଦର୍ଶନରେ ଆସିଥିବା ସିଡିଏ ଅଧ୍ୟକ୍ଷ, ସିଏମ୍‌ସି ମେୟର, କମିଶନର ଓ ବିଧାୟକଙ୍କ ସହ ଅନ୍ୟମାନେ।

କଟକ,୮।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ୧୬ ତାରିଖରେ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଏ ନେଇ ଶୁକ୍ରବାର ପୂର୍ବାହ୍ନରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ ପ୍ରମୁଖ ସିଏନ୍‌ବିଟି ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସେମାନଙ୍କ ସହିତ ବିଧାୟକ ସୌଭିକ୍ ବିଶ୍ୱାଳ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ଭିକାରି ଦାସ, ଡା. ରବିରଞ୍ଜନ ସାହୁ, ଡେପୁଟି କମିଶନର ଅଜୟ ମହାନ୍ତି ଓ ଶ୍ୱେତପଦ୍ମା ଡି. ଶତପଥୀ, କର୍ପୋରେଟର, ବସ୍ ମାଲିକ ସଂଘ କର୍ମକର୍ତ୍ତା ଏବଂ ବିଭାଗୀୟ ଅଧିକାରୀ ନୂତନ ବସ୍ ଟର୍ମିନାଲ ବୁଲି ଦେଖିବା ସହ କିପରି ସଫଳତାର ସହ ବସ୍ ଚଳାଚଳ କରିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ସେମାନେ ଟ୍ରାଫିକ, ରାସ୍ତା, ଜଳ ଯୋଗାଣ ଓ ବିଦ୍ୟୁତ୍ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଥିଲେ। ସିଏନ୍‌ବିଟି ପରିସରରେ ବ୍ୟବସାୟୀମାନେ ଯେପରି ସୁରୁଖୁରୁରେ ବ୍ୟବସାୟ କରିପାରିବେ, ଅଟୋ ଓ ଟ୍ୟାକ୍ସି ଚାଳକ ଯାତ୍ରୀମାନଙ୍କୁ ବିନା ବାଧାବିଘ୍ନରେ ନେବା ଆଣିବା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମେୟର ସିଂ ସିଏନ୍‌ବିଟି କାର୍ଯ୍ୟକ୍ଷମ ପାଇଁ ସହରବାସୀଙ୍କ ସହଯୋଗ କାମନା କରିଥିଲେ।

## ତଦନ୍ତ କରିବେ ବିଡିଓ

**ଦସ୍ତଖତ ଜାଲ୍ କରି ଟଙ୍କା ଉଠାଣ ଉଦ୍ୟମ**

କଟକ ସଦର,୮।୯(ସୁଶାନ୍ତ କୁମାର ଜେନା)

ବୋଧପୁର ପଞ୍ଚାୟତର ଏକ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ଜଣେ ସଭ୍ୟାଙ୍କ ଦସ୍ତଖତ ଜାଲ୍ କରି ଋଣଟଙ୍କା ଉଠାଣ ପାଇଁ ଉଦ୍ୟମ କରାଯାଇଥିବା କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ଏହିଘଟଣାର ତଦନ୍ତ ବିଡିଓ ରାଜୀବ ଲୋଚନ ପରିଡ଼ା କିମ୍ବା ତାଙ୍କ ପ୍ରାଧିକୃତ ପ୍ରତିନିଧି କରିବେ ବୋଲି ଜୀବିକା ମିଶନ୍‌ର ବ୍ଲକ ପ୍ରକଳ୍ପ ପରିଚାଳକ ସୋନାଲି ପ୍ରିୟଦର୍ଶିନୀ କହିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଏସ୍‌ଏଚ୍‌ଜିରେ ୧୦ ଜଣ ସଦସ୍ୟା ଅଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣ ସଦସ୍ୟା ଅନ୍ୟ ଜଣଙ୍କୁ ନ ଜଣାଇ ତାଙ୍କ ଦସ୍ତଖତ ଜାଲ୍ କରି ଗଡମାଛିତ ଏକ ବ୍ୟାଙ୍କରୁ ଋଣଟଙ୍କା ଉଠାଇବା ପାଇଁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ସଦସ୍ୟା ଜଣଙ୍କ ଜାଣିବା ପରେ କିଶନ ନଗର ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ରଶ୍ମି ରଞ୍ଜନ ଦାଶ କହିଛନ୍ତି, ବ୍ଲକ କର୍ତ୍ତୃପକ୍ଷ ଲିଖିତ ଅଭିଯୋଗ କରିବା ପରେ ପଦକ୍ଷେପ ନିଆଯିବ।

## ଆଞ୍ଚଳିକ ସାମ୍ବାଦିକ ସଂଘର କର୍ମକର୍ତ୍ତା ମନୋନୀତ

ଚୌଦ୍ୱାର, ୮।୯(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ ସାମ୍ବାଦିକ ସଂଘର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ ସଭାପତି ସତ୍ୟବ୍ରତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ନରେଶ କୁମାର ସାହୁ ଓ ସାଧାରଣ ସମ୍ପାଦକ ଭାବେ ମାନସ କୁମାର ପରିଡ଼ା ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ସତ୍ୟବ୍ରତ ଦାସ, ଉପ ସଭାପତି ପ୍ରୀତିରଞ୍ଜନ ବେହେରା, ଶିବବ୍ରତ ଦାସ, ସୁରେନ୍ଦ୍ର ସାହୁ, ନାରାୟଣ ଜେନା, ସମ୍ପାଦକ ସଞ୍ଜୀବ ତିୱାରୀ, ସହ ସମ୍ପାଦକ ନବୀନ ରାଓ, ରାଜେଶ ନାୟକ, କୋଷାଧ୍ୟକ୍ଷ ଦୀପକ ବେଉରାୟ, ସଙ୍ଗଠନ ସମ୍ପାଦକ ଭାବେ କୁନା ନାୟକ ମନୋନୀତ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ ସଦସ୍ୟ ଭାବେ ପରିକ୍ଷିତ ଲେଙ୍କା, ବିଶ୍ୱଜିତ୍ ବିଶ୍ୱାଳ, ପ୍ରଭାତ ନାୟକ, ତ୍ରିଲୋଚନ ବେହେରା, ସାମାଜିକ କର୍ମୀ ଦିଲୀପ ଛତାର, ସୁବ୍ରତ ସାମଲ ଓ କାଳନ୍ଦୀ ପ୍ରସାଦ ସାହୁଙ୍କୁ ମନୋନୀତ କରାଯାଇଛି। ଆସନ୍ତା ୨୭ରେ ସଂଘର ଅଷ୍ଟମ ବାର୍ଷିକ ଉତ୍ସବ ‘କଲମ-୨୦୨୩’ର ଆୟୋଜନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଦ୍ୱାରା ନିରକ୍ଷରତା ଦୂର ହେବ

ଚୌଦ୍ୱାର,୮।୯(ଆଶୁତୋଷ ଦାସ)

**ଅନ୍ତର୍ଜାତୀୟ ସାକ୍ଷରତା ଦିବସ**

ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ କରଞ୍ଜୀ ପଞ୍ଚାୟତର ହରିଡାପାଳ ଗ୍ରାମରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିସହ ଅଞ୍ଚଳର ନିରକ୍ଷର ବାଳିକା ଓ ମହିଳାଙ୍କ ପାଇଁ ୬ଟି ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବିଡିଓ ଆଶୁତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସରପଞ୍ଚ ମହେଶ୍ୱର ମହନ୍ତ, ଖବରଦାତା ମହେନ୍ଦ୍ର କୁମାର ବିଶ୍ୱାଳ, ଇମ୍ଫାର ଜିଏମ୍. ଜି.ଏସ୍.ପି ରାଓ, ସାଧାରଣ ପ୍ରଶାସକ ଡି.ଜି.ଏମ୍. ଧ୍ରୁବ ଚରଣ ରାଉତ, ଲୋକ ସମ୍ପର୍କ ବିଭାଗର ସିନିୟର ମ୍ୟାନେଜର ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଦ୍ୱାରା ନିରକ୍ଷରତା ଦୂର ହେବ ବୋଲି କହିଥିଲେ। ଏହି ଅବସରରେ ଫାଉଣ୍ଡେଶନ ତରଫରୁ ଗୋଷ୍ଠୀ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀମାନଙ୍କୁ ୬ଟି ଟାବ୍‌ଲେଟ୍ ଓ ସ୍ପିକର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୩୦ରୁ ଊର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ । ଫାଉଣ୍ଡେଶନ ତରଫରୁ ଗତ ୨ବର୍ଷ ମଧ୍ୟରେ ଗୋଷ୍ଠୀ ଶିକ୍ଷାକେନ୍ଦ୍ର ମାଧ୍ୟମରେ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ୩୪୧ଜଣ ବାଳିକା ଓ ମହିଳାଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରାଯାଇଥିବାବେଳେ ଚଳିତବର୍ଷ ୧୮୦ ଜଣ ଆଦିବାସୀ ମହିଳାଙ୍କୁ ମାଗଣାରେ ଶିକ୍ଷା ଦିଆଯିବାକୁ ଯୋଜନା ରହିଥିବା ରାଓ କହିଥିଲେ। ଫାଉଣ୍ଡେଶନର ଅଧିକାରୀ ଆଶିଷ ଦାସ, ଚନ୍ଦ୍ରଶେଖର ମହାପାତ୍ର, ଶୁଭଶ୍ରୀ ନାୟକ, ଜ୍ଞାନରଞ୍ଜନ ବେହେରା, ମନୋଜ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୫ ଦଫା ଦାବିରେ ଠିକା ଶ୍ରମିକଙ୍କ ବିକ୍ଷୋଭ

କଟକ,୮।୯ (କାର୍ତ୍ତିକ ସାହୁ)




କଟକ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଠିକା କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ଠିକା ମଜଦୁର ମହାସଂଘ ପକ୍ଷରୁ ୫ ଦଫା ଦାବି ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ହେଉଛି। ଏହି ପରିପ୍ରେକ୍ଷୀରେ କଟକ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଠିକା କର୍ମଚାରୀମାନେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର ଜିଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଠିକାପ୍ରଥା, ଆଉଟ୍‌ସୋର୍ସିଂ କାର୍ଯ୍ୟ ଉଚ୍ଛେଦ କରି ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ବେତନ ପ୍ରଦାନ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କଡ଼ାକଡ଼ି ପାଳନ, ଠିକା ଶ୍ରମିକଙ୍କୁ ସାପ୍ତାହିକ ଛୁଟିର ହାଜିରା ପ୍ରଦାନ, ଅବସରକାଳୀନ ସମୟ ସୀମା ୫୮ରୁ ୬୦ ବର୍ଷକୁ ବୃଦ୍ଧି, ଠିକା କର୍ମଚାରୀମାନଙ୍କୁ ସର୍ବନିମ୍ନ ମାସିକ ବେତନ ୨୧ ହଜାର ଟଙ୍କା ପ୍ରଦାନ ପାଇଁ ଦାବି କରାଯାଇଛି। ଓଡ଼ିଶା ଠିକା ମଜଦୁର ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ସ୍ୱାଇଁ, ସଂଘର ରାଜ୍ୟ ଉପଦେଷ୍ଟା ବସନ୍ତ କୁମାର ସାହୁ, ଏନ୍‌ଆର୍‌ଆର୍‌ଆଇ ଠିକା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ସୁଧୀର ନାୟକ, ଓସିଏଲ୍ ସିମେଣ୍ଟ ମଜଦୁର ସଂଘର ସମ୍ପାଦକ ସଞ୍ଜୟ କୁମାର ମୁଦୁଲି, ଆରଏସ୍‌ବି ମଜଦୁର ସଂଘ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ସାହୁ, ବିଲ୍‌ଡିଙ୍ଗ୍ କନ୍‌ଷ୍ଟ୍ରକ୍‌ସନ୍ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ବୈକୁଣ୍ଠ ବିହାରୀ ନାୟକ, କଟକ ଜିଲା ଅସଂଗଠିତ ମଜଦୁର ସଂଘର ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ସାହୁ, ଭାରତୀୟ ମଜଦୁର ସଂଘ କଟକ ଜିଲା ପ୍ରଭାରୀ ଅକ୍ଷୟ କୁମାର ଦାସ, ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପ୍ରକାଶ ରାଉତ, ଜଗତ୍‌ପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାମଲ, ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ସମ୍ପାଦକ ସତ୍ୟବ୍ରତ ସ୍ୱାଇଁ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ବର୍ଷା ପରେ ଦୁର୍ଦ୍ଦଶା



ଖପୁରିଆ ଶିଳ୍ପାଞ୍ଚଳ ମୁଖ୍ୟ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ଜମି ରହିଥିବା ବର୍ଷା ପାଣି।



ନୂଆପଡ଼ା ମୁଖ୍ୟରାସ୍ତା ବର୍ଷାରେ ଧୋଇ ଯାଇଛି।



ସିଡିଏ ସେକ୍ଟର-୬ ରିଂରୋଡରେ ସୃଷ୍ଟି ହୋଇଥିବା ଖାଲଖମା।

